International Journal of Humanities Social Science and Management (IJHSSM)
Volume 6, Issue 1, Jan.-Feb., 2026, pp: 546-558 ISSN: 3048-6874
www.ijhssm.org

# ମୟୂରଭଞ୍ଜ ଅଂଚଳର ଲୋକଦେବଦେବୀ: ଏକଅଧ୍ୟୟନ

*** ସୁନୀଲ କୁମାର ବେହେରା (ଗବେଷକ)**
*ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ତକତପୁର, ବାରିପଦା-୭୫୭୦୦୩*

Date of Submission: 11-02-2026 Date of Acceptance: 22-02-2026

**ସଂକ୍ଷିପ୍ତ ସାର:**

ପ୍ରକୃତିର ସୃଷ୍ଟିରେ ମନୁଷ୍ୟ ବଡ଼ ବିଚିତ୍ର୍ୟମୟ ଜୀବ। ସୃଷ୍ଟିର ପ୍ରାକ-କାଳରୁ ଯେତେବେଳେ ମନୁଷ୍ୟ ବଣ ଜଙ୍ଗଲରେ ବସବାସ କରୁଥିଲା ସେ ବଣର ଫଳମୂଳ ଓ ଶିକାର କରି ନିଜ ଜୀବିକା ଅର୍ଜନ କରୁଥିଲା। ମାତ୍ର ସଭ୍ୟତାର ଅଗ୍ରଗତି ଫଳରେ ସେ ସଂଘବଦ୍ଧ ଭାବରେ ବସବାସ ଆରମ୍ଭ କଲା। ତାର ଦୈନନ୍ଦିନ ଆବଶ୍ୟକତା ମଧ୍ୟ ବୃଦ୍ଧି ପାଇଲା। ଏପରିକି ନିଜକୁ ଅନ୍ୟ ମାନଙ୍କ ଠାରୁ ରକ୍ଷା କରିବା ପାଇଁ ବିଭିନ୍ନ ଉପାସନା ଆରମ୍ଭ କଲା। ଏଥିରୁ ଦେବତାଙ୍କର ସୃଷ୍ଟି ହେଲା ଓ ପରବର୍ତ୍ତୀ କାଳରେ ପୁରାଣ, ତନ୍ତ୍ର,ଧର୍ମ ସୃଷ୍ଟି। ମନୁଷ୍ୟ ପ୍ରାକ୍-କାଳରେ ପୂର୍ଣ୍ଣ ବିଶ୍ୱାସର ସହିତ ଉପାସନା କରୁଥିଲା ସେମାନଙ୍କୁ ଲୋକେ ଦେବତା କୁହାଗଲା। ମନୁଷ୍ୟ ଏମାନଙ୍କୁ ସରଳ ଜୀବନର ବିଶ୍ୱାସ ସହିତ ପୂଜା କରିଥାଏ। ପ୍ରକୃତିର ଉପକାରୀ ଉପାଦାନକୁ ସମ୍ମାନ ଦେଇ ଦେବତା ରୂପେ ପୂଜି ଥାଏ। ପ୍ରକୃତିର ବିଭିନ୍ନ ଜଡ଼ବସ୍ତୁ ମଧ୍ୟରେ ଦେବତାଙ୍କୁ ଆବାହନ କରି ଆରୋପ କରିଥାଏ।ଏହି ଧର୍ମୀୟ ଭାବନା ଆଦିମକାଳରୁ ଏଯାବତ୍ ପରମ୍ପରା କ୍ରମେ ପ୍ରଚଳିତ ହୋଇଆସୁଅଛି। ବିଭିନ୍ନ ପର୍ବର୍ବାଣୀରେ ଲୋକ ନିଜ ଗୋତ୍ରର ସଙ୍କେତକୁ ପୂଜା କରିବା ସହ ଜଙ୍ଗଲ, ପାହାଡ଼, ପୃଥିବୀ, ନଦୀ, ଚନ୍ଦ୍ର, ସୂର୍ଯ୍ୟ, ଗ୍ରହ, ନକ୍ଷତ୍ର, ପଥର, ମାଟି ସମସ୍ତଙ୍କୁ ପୂଜା କରୁଛନ୍ତି। ଲୋକ ଜୀବନରେ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବରେ ଏହି ଦେବତା ମାନେ ଅଂଶ ଗ୍ରହଣ କରି ମଣିଷର ଦୈନନ୍ଦିନ ଜୀବନକୁ ସୁନିୟନ୍ତ୍ରିତ କରିଥାଆନ୍ତି। ଏହି ଲେଖାରେ ଲୋକଦେବତାର ପରିଭାଷା, ସ୍ୱରୂପ, ମୟୂରଭଞ୍ଜ ଜିଲ୍ଲାର ଲୋକଦେବଦେବୀର ପରିଚୟ, ପର୍ବପର୍ବାଣୀ, ଲୋକମାନଙ୍କର ତାଙ୍କ ପ୍ରତି ଆସ୍ଥାଓ ବିଶ୍ୱାସ ଏବଂ ବୈଶିଷ୍ଟ୍ୟ ସମ୍ପର୍କରେ ଆଲୋଚନା କରାଯାଇଛି।

ଲୋକ ଦେବତା ହେଉଛି ବ୍ୟକ୍ତିର ରକ୍ଷାକର୍ତ୍ତା, ପରିବାରର, ଜାତିର, ସମାଜର, ଗ୍ରାମର, ଅଞ୍ଚଳର ରକ୍ଷାକର୍ତ୍ତା ଆଉ ସେହି ଦେବତାଙ୍କୁ ହିଁ ଲୋକ ନିଜର ତଥା ନିଜ ଅଂଚଳର ଅଭିଭାବକ ବୋଲି ଗ୍ରହଣ କରି ନେଇଛନ୍ତି। ଏହି ଲୋକଦେବତା ଲୋକ ହୃଦୟଓ ବିଶ୍ୱାସରୁ ସୃଷ୍ଟି ନିର୍ଦ୍ଦିଷ୍ଟ ଧର୍ମୀୟଗୋଷ୍ଠୀ ଭିତରେ ଲୋକଦେବତା ଜଡ଼ିତ ନୁହନ୍ତି। ଏମାନେ ବୈଷ୍ଣବ, ଶାକ୍ତ, ଗାଣପତ୍ୟ ବା ସୌର ନୁହନ୍ତି। ମଣିଷ ନିଜ ସ୍ୱରୂପ ଆଉ ଅବସ୍ଥା ଦୃଷ୍ଟିରୁ ନିଜର ଦେବତାଙ୍କୁ ଗ୍ରହଣ କରିନେଇଛି। ସେମାନଙ୍କୁ ପୂଜା ପାଇଁ ଜାତି ଭେଦର ପ୍ରଶ୍ନ ନାହିଁ। ସଧାରଣ ମଣିଷ ଯାହାକୁ ଯେପରି ଭାବରେ ଅନୁଭବ କରିଛି ତାକୁ ସେହି ରୂପରେ ପୂଜି ଅଛି। ଏଥିରେ ଆଚାର, ବିଚାର, ବିଧି ଓ ବିଧାନ ପ୍ରଧାନ ନୁହେଁ ବରଂ ତାର ଅଖଣ୍ଡ ଦୃଢ଼ ବିଶ୍ୱାସ, ନିଗୂଢ଼ ଅନୁରାଗ ହିଁ ମୂଳକଥା। ଗ୍ରାମ୍ୟ ପରିବେଶ ଓ ସୁଖକର ଜୀବନ ବଞ୍ଚିବାର ଭାବକୁ ନେଇ ଏହା ଭିନ୍ନ ଭିନ୍ନ ଭାବରେ ବିକାଶ ଲାଭ କରିଥାଏ। ଗଛ, ଲତା, ନଦୀ, ବଣ, ପାହାଡ଼ ଓ ପର୍ବତ-ଲୋକ ବିଶ୍ୱାସ ଓ ବିଚାରରେ ଦେବଦେବୀଙ୍କର ରୂପ ନେଇଛି, ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ ନକ୍ଷତ୍ର ମାନେ ତା ଭିତରୁ କେତେକ ଅଭାବିତ ସାମର୍ଥର ପ୍ରତୀକ ରୂପରେ ତା ଆଗରେ ଉଭା ହୋଇ ଅଛନ୍ତି। ଲୋକ ଦେବ ଦେବୀମାନେ ସବୁବେଳେ ପୂଜା ପାଆନ୍ତି ନାହିଁ। ରୋଗ, ମରୁଡ଼ି, ବଢ଼ିସମୟରେ ଧୁମ୍ ଧାମରେ ପୂଜା ପାଆନ୍ତି। ଏବଂ ଅନ୍ୟ ସମୟରେ ଶୁଖିଲା ପତ୍ର ଓ ଫୁଲ ତଳେ ଘଡ଼େଇ ହୋଇ ପଡ଼ି ରହି ଥାଆନ୍ତି। ଏହି ଦେବ ଦେବୀଙ୍କର ଦ୍ୱାର ସମସ୍ତଙ୍କ ପାଇଁ ସବୁବେଳେ ଖୋଲା। ସେମାନଙ୍କର ନିର୍ଦ୍ଦିଷ୍ଟ ଆକାର ନାହିଁ। ଶିଳ ପୁଆ ଠାରୁ ଆରମ୍ଭ କରି ମାଟି, ପଥର, ଓ ଥୁଣ୍ଟା ଗଛ ପର୍ଯ୍ୟନ୍ତ ସବୁଠାରେ ଦେବତାର ମାନସିକ ସ୍ଥିତି। ଲୋକ ନିଜ ଇଚ୍ଛାରେ ଶ୍ରଦ୍ଧା ଓ ଭକ୍ତିର ନୈବେଦ୍ୟରେ ତାକୁ ଜୀବନନ୍ୟାସ ଦେଇଥାଏ। ପୃଥିବୀର ଏପରି କୌଣସି ଅଞ୍ଚଳ ନାହିଁ ବା ଗ୍ରାମ ନାହିଁ ଯେଉଁଠାରେ ଲୋକଦେବତା ପୂଜା ପାଆନ୍ତି ନାହିଁ। ଦୃଢ ମାନସିକତା ପାଖରେ ବ୍ରାହ୍ମଣ୍ୟବାଦର ଜାତିପ୍ରଥା ପ୍ରତିବନ୍ଧକ ସୃଷ୍ଟି କରିପାରି ନାହିଁ। ସେମାନେ ମଣିଷ ଦେହରେ ବିଜେ ହୋଇ ଗ୍ରାମ୍ୟର ଆଗତ ଭବିଷ୍ୟ କହନ୍ତି। ସେମାନେ ଦୁଃଖରେ କାନ୍ଦନ୍ତି, ସୁଖରେ ହସନ୍ତି, ଶାଗ, ପଖାଳ, ମାଛ, ମାଂସ ଖାଆନ୍ତି, ହଳ କରନ୍ତି, ଧାନ କାଟନ୍ତି । ଯେତେ ବେଳେ ଯେଉଁ ସ୍ଥାନକୁ, ଯାହା ଘରକୁ, ଯାହାଦେହକୁଯିବାକୁ ମନଡାକିଲା ଯାଇପାରନ୍ତି। ଯେଉଁ ବେଶ ପୋଷାକରେ ସଜ୍ଜିତ ହେବାକୁ ଇଚ୍ଛା ସଜ୍ଜିତ ହୁଅନ୍ତି। ଯେଉଁ ଭାଷାରେ କଥା କହିବାକୁ ଇଛା କୁହନ୍ତି। ଜପିଲା ଲୋକର ଜାତି, ବୃତ୍ତି ପ୍ରତି ଜମାରୁ ନଜର ଦିଅନ୍ତି ନାହିଁ। ଯିଏ ଯେଉଁ ବେଶରେ ଦେଖିବାକୁ ଚାହେଁ ଠିକ୍ ସେମିତି ଦେଖାଯାଆନ୍ତି। ସେମାନେ ଭୋକ୍ତା ମାନଙ୍କର ଦେହ ଓ ମନରେ ବିଜେ ହୋଇ ସନ୍ତାପ ମୋଚନ କରନ୍ତି ଏବଂ ସେମାନଙ୍କ ସହିତ ହସନ୍ତି, କାନ୍ଦନ୍ତି, ନାଚନ୍ତି - ରାଗନ୍ତି। ଠିକ୍ ତାଙ୍କର ଆଚରଣ ପରି।

ପ୍ରାଗ୍- ଐତିହାସିକ କାଳରୁ ମୟୁରଭଂଜ ତା'ର ସାଂସ୍କୃତିକ ପରମ୍ପରା, ଧର୍ମଧାରଣା ଏବଂ କଳା ଭାସ୍କର୍ଯ୍ୟ ପାଇଁ ସମଗ୍ର ଜମ୍ଭୁଦ୍ୱୀପ ଭରତଖଣ୍ଡରେ ନିଜର ସ୍ୱତନ୍ତ୍ରତା ବଜାଇ ରଖିଛି। ସମୟ କ୍ରମେ ଏହି ଭୂମିରେ କେତେ ଧର୍ମ ପ୍ରବାହ ଓ ରାଜନୈତିକ ଆକ୍ରମଣ ସାମୁଦ୍ରିକ ଝଡ଼ ଭଳି ମାଡିଆସି ଅତିକ୍ରମ କରଯାଇଛି ତା'ର ସୀମା ନାହିଁ ତଥାପି ଏ ଭୂଖଣ୍ଡର ମୌଳିକ ସ୍ୱାତନ୍ତ୍ରରହିଛି ଅପ୍ରରିବର୍ତ୍ତନୀୟ। ଏପରିକି କେତେକ ସମାଲୋଚକ ମତ ଦିଅନ୍ତି ଯେ ବୈଦିକ ସଭ୍ୟତା ଓ ସଂସ୍କୃତିର ପୂର୍ବରୁ ମଧ୍ୟ ଏ ଭୂଖଣ୍ଡରେ ଏକ ଉଚ୍ଚତର ସଭ୍ୟତା ପରିବ୍ୟାପ୍ତ

International Journal of Humanities Social Science and Management (IJHSSM)
Volume 6, Issue 1, Jan.-Feb., 2026, pp: 546-558 ISSN: 3048-6874
www.ijhssm.org

ଥିଲା। ଆର୍ଯ୍ୟୋତ୍ତର ଦ୍ରାବିଡ଼ ସଭ୍ୟତାର ସ୍ମାରକୀ ସ୍ୱରୂପ ଆଦିବାସୀ ମାନଙ୍କର ଆଦିବାସୀ ସଂସ୍କୃତି ମଧ୍ୟ ମୟୂରଭଂଜରେ ବିଦ୍ୟମାନ। ପରବର୍ତ୍ତୀ କାଳରେ ବୌଦ୍ଧ, ଜୈନ, ନାଥ ଧର୍ମ ତଥା ସନାତନ ବ୍ରାହ୍ମଣ ଧର୍ମର ସାଂସ୍କୃତିକ ପ୍ରବାହ ଏମାଟିକୁ ଆହୁରି ପବିତ୍ର କରି ଅସଂଖ୍ୟ ବିହାର, ଗୁମ୍ଫା ଓ ମନ୍ଦିର ସ୍ମୃତି ସଦୃଶ୍ୟ ରଖି ଯାଇଛି। ପ୍ରତ୍ୟେକ ଧର୍ମର ନିର୍ଯ୍ୟାସ ଏହି ଭଞ୍ଜ ଭୂମିରେ ବିଦ୍ୟ ମାନ।

ବାସ୍ତବ ପକ୍ଷରେ ଦେଖିବାକୁ ଗଲେ ଏହି ଭଞ୍ଜ ଭୂମିରେ ଅସଂଖ୍ୟ ଧର୍ମ ପ୍ରଚାରକ, ପଣ୍ଡିତ ତଥା ବ୍ୟକ୍ତି ଗୋଷ୍ଠୀ ଏହି ଭୂଖଣ୍ଡରେ ପାଦଦେଇଛନ୍ତି। ନିଜର ଧର୍ମକୁ ଉପସ୍ଥାପନ କରିଅଛନ୍ତି ମାତ୍ର ଏହି ଭଞ୍ଜ ଭୂମିର ଧାର୍ମିକ ସ୍ୱାତନ୍ତ୍ର୍ୟବଜାଇ ରଖିଛି। ଏହାର କାରଣ ସ୍ୱରୂପ କୁହାଯାଇ ପାରେ କି ଯେ ଭଞ୍ଜ ଭୂମିରେ ବହୁ ଆଦିମ କାଳରୁ ପ୍ରଚଳିତ ଲୋକଦେବତା ଉପାସନା ପରମ୍ପରା। ନିମ୍ନରେ ଏହି ଲୋକ ଦେବ ଦେବୀଙ୍କ ସମ୍ବନ୍ଧରେ ଆଲୋଚନା କରାଗଲା -

- ମୟୂଭଞ୍ଜର ଲୋକ ଦେବ
- ମୟୂରଭଂଜ ଅଞ୍ଚଳର ଲୋକ ଦେବୀ
- ଲୋକଦେବଦେବୀଙ୍କ ପୂଜାବିଧି ଓ ପର୍ବପର୍ବାଣୀ
- ଲୋକ ଦେବଦେବୀଙ୍କ ପ୍ରତି ଲୋକ ସମାଜର ଆସ୍ଥା ଓ ବିଶ୍ୱାସ
- ମୟୂରଭଞ୍ଜ ଜିଲ୍ଲାର ଲୋକଦେବଦେବୀଙ୍କ ବିବିଧତା ଓ ବିଶେଷତ୍ୱ

**ମୟୂରଭଂଜର ଲୋକ ଦେବ:-**

ପ୍ରକୃତିର ସୃଷ୍ଟିରେ ମୟୂରଭଂଜ ଏକ ବହୁ ବିଚିତ୍ରମୟ୍ୟ ଅଞ୍ଚଳ। ଏଠାକାର ପାଣି, ପବନ, ପ୍ରାକୃତିକ ପରିବେଶ ତଥା ଅଧିବାସୀ ପୃଥିବୀର ଅନ୍ୟ ମାନଙ୍କ ଠାରୁ ସ୍ୱତନ୍ତ୍ରତା ଦାବୀ କରେ। ଏହା ପ୍ରକୃତିର ସବୁଜ ବଳୟ ମଧ୍ୟରେ ଅବସ୍ଥାନ କରେ। ଏଠାରେ ବସବାସ କରୁଥିବା ଅଧିବାସୀ ତାଙ୍କର ସରଳ ବିଶ୍ୱାସ ଅନୁସାରେ କେତେକ ଦେବ ଦେବୀଙ୍କ ଆରାଧନା ଏବଂ ଉପାସନା କରିଥାଆନ୍ତି। ଏମାନେ ବିଭିନ୍ନ ରୋଗ ବୈରାଗ ହେଲେ, ବିବାହ, ଜନ୍ମ-ମୃତ୍ୟୁ, ମାନ- ଅପମାନ, ଭଲ- ମନ୍ଦ, ସୁଖ - ଦୁଃଖ ଆଦିରେ ମନେପକାଇଥନ୍ତି। ସେହି ଦେବତା ମାନେ ଅନ୍ଧର ଲଉଡ଼ି ତଥା ଛୋଟାର ଆଶାବାଡି ସଦୃଶ। ନିମ୍ନରେ ମୟୂରଭଞ୍ଜର ଲୋକ ଦେବ ସମ୍ବନ୍ଧରେ ଉପସ୍ଥାପନା କରାଗଲା -

ମୟୂରଭଂଜ ଅଞ୍ଚଳରେ ପରିଦୃଷ୍ଟ ହେଉଥିବା ଲୋକ ଦେବଙ୍କୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଇପାରେ ଯେପରିକି ଆଦିବାସୀ ସଂପ୍ରଦାୟର ଲୋକଦେବ ଓ ଅଣଆଦିବାସୀ ସଂପ୍ରଦାୟର ଲୋକଦେବ

**କ)ଆଦିବାସୀ ସଂପ୍ରଦାୟର ଲୋକଦେବ:-**

ଆଦିବାସୀମାନେ ତାଙ୍କର ସରଳ ଧର୍ମ ବିଶ୍ୱାସ ଅନୁସାରେ କେତେକ ଦେବଦେବୀଙ୍କୁ ଆରାଧନା କରିଥାଆନ୍ତି। ଏମାନେ ଆରାଧନା ପାଇଁ ବୈଦିକ ମନ୍ତ୍ରର ଆବଶ୍ୟକ କରିନଥାନ୍ତି। ଏମାନେ ନିଜ ନିଜ ଭାଷାରେ ପୂଜା ଅର୍ଚ୍ଚନା କରି ତାଙ୍କର ଇଷ୍ଟ ଦେବତାଙ୍କୁ ସନ୍ତୁଷ୍ଟ କରିଥାନ୍ତି । ପ୍ରତ୍ୟେକ ଆଦିବାସୀ ଗୋଷ୍ଠୀର ସ୍ୱତନ୍ତ୍ର ଦେବଦେବୀ ଏବଂ ଇଶ୍ୱର ଅଛନ୍ତି। ଏମାନଙ୍କୁ ପୂଜାକରି ସନ୍ତୁଷ୍ଟ କରନ୍ତି। ସେମାନଙ୍କୁ ପଶୁଓ ପକ୍ଷୀ ବଳିକରି ରକ୍ତଦେବା ସବୁଠାରୁ ବଡ଼ ଦେବାର୍ପିତ ପଦାର୍ଥ। ଗ୍ରାମ ସ୍ତରରେ ଏହା ଗ୍ରାମ ପୁରୋହିତ କରେ। ସାନ୍ତାଳ ମାନେ ଏହାକୁ ନାଇକେ, ହୋ ମାନେ ଏହାକୁ ପାଲାନ, କନ୍ଧମାନେ ଏହାକୁ ଜାନି କହନ୍ତି, ଗଣ୍ଡମାନେ ଏହାକୁ ପୁଖାରୀ କହନ୍ତି, ଗଦବା ମାନେ ଏହାକୁ ଦିସାରୀ, କୋୟା ମାନେ ଏହାକୁ ନଗମ୍, ଭୂୟାଁ ମାନେ ଦେହୁରୀ, କହିଥାନ୍ତି। ଗ୍ରାମ ପୁରୋହିତ ମାନଙ୍କ ସହ ଗ୍ରାମ ମୁଖିଆ ମାନେ ଏସବୁ କର୍ମକର୍ମାଣିରେ ମଧ ଭାଗ ନିଅନ୍ତି।

ସମଗ୍ର ଆଦିବାସୀ ଗ୍ରାମରେ ଦୈବୀ ଦୁର୍ବିପାକରୁ ରକ୍ଷା ପାଇବା ପାଇଁ ରୋଗ ବୈରାଗରୁ ମୁକ୍ତି ପାଇଁ ତଥା ଫସଲ ପ୍ରାଚୁର୍ଯ୍ୟ ପାଇଁ ଗ୍ରାମ ରକ୍ଷାକାରିଣୀ ଦେବୀଙ୍କୁ (Tulclary deity) ଙ୍କୁ ପୂଜା କରାଯାଏ। ବର୍ଷର ବିଭିନ୍ନ କାଳରେ ଏହି ଦେବୀଙ୍କ ଠାରେ ପୂଜାର୍ଚ୍ଚନା କରାଯାଏ।ଆଦିବାସୀ ମାନେ ତାଙ୍କର ଦେବତାଙ୍କୁ ବୋଙ୍ଗା କହନ୍ତି (ଅପକାରୀ ଦେବତା), ଯେପରିକି ଭୂତ,ପ୍ରେତ ଓ ପିଶାଚ ମାନଙ୍କୁ ଏମାନେ ଅଣଆଦିବାସୀ ମାନଙ୍କ ପରି ବହୁ ଦେବ ଦେବୀଙ୍କ ବିଶ୍ୱାସ କରନ୍ତି। ନିମ୍ନରେ ଏମାନଙ୍କ ସମ୍ବନ୍ଧରେ ଅବତାରଣା କରାଗଲା-

**1. ସୂର୍ଯ୍ୟ ଦେବତା:-**

ଆଦିବାସୀ ମାନଙ୍କର ଲୋକ ବିଶ୍ୱାସ ଅନୁଯାୟୀ ସୂର୍ଯ୍ୟ ଦେବ ତାଙ୍କ ସମସ୍ତ ଦେବତାଙ୍କର ମୁଖ୍ୟ ଅଟେ। ଆଦିବାସୀ ମାନଙ୍କ ମତରେ ସୂର୍ଯ୍ୟଦେବତାର ଅନ୍ୟ ନାମ ଧରଣ ଦେବତା।ସେ ସର୍ବଶକ୍ତିମାନ। ସେହିଁ ସୃଷ୍ଟିକର୍ତ୍ତା, ପରମେଶ୍ୱର। ସୂର୍ଯ୍ୟ ଦେବତା ମୁଖ୍ୟତଃ, ସାନ୍ତାଳ ମାନଙ୍କର ମୁଖ୍ୟ ଦେବତା। ସେହିଁ ଜଗତର ପିତା ଭାବରେ ଖ୍ୟାତ।

**2. ମାରଙ୍ଗବୁରୁ:-**

ଆଦିବାସୀ ମାନଙ୍କର ଅନ୍ୟତମ ଦେବତା ହେଲେ ମାରଙ୍ଗବୁରୁ। 'ମାରଙ୍ଗବୁରୁ' ଶବ୍ଦର ଅର୍ଥ ହେଲା ସାନ୍ତାଳୀ ଭାଷାରେ ବଡ଼ ପାହାଡ଼। ଏହି ମାରଙ୍ଗବୁରୁ ଗ୍ରାମ ଦେବତା ଭାବରେ ପରିଚିତ।କେହି କେହି ବିଶ୍ୱାସ କରନ୍ତି ଯେ ସେ ହେଉଛନ୍ତି ଉଭୟ ମଙ୍ଗଳ ଓ ଅମଙ୍ଗଳର ଦେବତା। ତାଙ୍କର ଶକ୍ତି ଅପରିସୀମ । ତାଙ୍କର ଆଶିଷ ପାଇବାକୁ ହେଲେ ଧଳା କୁକୁଡ଼ା, କିମ୍ବା ଧଳା ବୋଦା ବଳି ଦେବାକୁ ପଡ଼େ। ସାନ୍ତାଳୀ ମାନେ ଜନ୍ମ, ମୃତ୍ୟୁ, ବିବାହ ବିଭିନ୍ନ ପର୍ବ ପର୍ବାଣୀରେ ତାଙ୍କୁ ବଳି ହାଣ୍ଡିଆ ଉତ୍ସର୍ଗ କରନ୍ତି। ସାନ୍ତାଳୀ ମାନଙ୍କର ବିଶ୍ୱାସରେ ଏହି ଦେବତା ଏକାଧାରରେ ଅସୁର ଓ ଦେବତା ସହ ସଂଶ୍ଳିଷ୍ଟ ତେଣୁକରି ତାଙ୍କୁ ଏକ ଭୟଙ୍କର ଦେବତା ରୂପେ ଗ୍ରହଣକରି ପୂଜାଅର୍ଚ୍ଚନା କରିଥାଆନ୍ତି। ଏହାଙ୍କ ପରେ ଅନ୍ୟ ଦେବଦେବୀ ପୂଜା ପାଇଥାନ୍ତି। କେବଳ ଗୃହରେହିଁ ବଡ଼ ପାହାଡ଼ ଦେବତାର ପୂଜା ଅନୁଷ୍ଠିତ ହୁଏ।

**3. ମଣେକୋ:-**

ମଣେକୋ ହେଉଛନ୍ତି ଅନ୍ୟ ଏକ ଗ୍ରାମ ଦେବତା। ଶ୍ରୀ ରବିନାରାୟଣ ଦାଶଙ୍କ ମତରେ ସେହେଉଛନ୍ତି ଅଗ୍ନିର ସ୍ୱରୂପ। ସମୟର ଗତିରେ ସେ ପାଞ୍ଚ ଭାଇର ସମାହାରରୁ ଏକମାତ୍ର ଦେବତା ରୂପରେ ପରିଗଣିତ ହୁଅନ୍ତି।ସେ ସର୍ବସିଦ୍ଧି ଶକ୍ତିର ଅଧିକାରୀ। ଏଥିପାଇଁ ସେ ଅତୁଳନୀୟ ଶକ୍ତିର ଦେବତା ରୂପେ ପୂଜିତ। ଏ ଦେବତା ହେଉଛନ୍ତି ସାନ୍ତାଳୀ ମାନଙ୍କର।

**4. ପାହାଡ଼ୀ ଅପଦେବତା(Hill Spirit):-**

ସାନ୍ତାଳୀ ମାନଙ୍କର ଧର୍ମବିଶ୍ୱାସ ଅନୁସାରେ ବହୁ ଗ୍ରାମ ଦେବତା ପରି କେତେକ ଅପଦେବତା ରହିଥାନ୍ତି। ଏହି ଅପଦେବତାଙ୍କୁ ପାଟ ବୋଲି କହନ୍ତି। ସାନ୍ତାଳୀ ମାନେ ବିଶ୍ୱାସ କରନ୍ତି ଯେ ଏହି ଅପଦେବତାମାନେ ସଦାସର୍ବଦା ଭୟ ଦେଖାଇଥାନ୍ତି। ତେଣୁ ଏମାନଙ୍କୁ ବଳି ଦେଇ ସନ୍ତୁଷ୍ଟ କରିଥାଆନ୍ତି। ଫଳତଃ ଏମାନେ କିଛି ଅନିଷ୍ଟ କରିନଥାନ୍ତି। ଏଇ ଅପଦେବତା ପାଟ ବିଭିନ୍ନ ନାମରେ ନାମିତ ହୋଇ ପୁରପଲ୍ଲୀରେ ବିରାଜମାନ କରନ୍ତି। ଛୋଟବଡ଼ ପାହାଡ଼ ଏମାନଙ୍କର ବାସସ୍ଥଳୀ। ନିମ୍ନରେ ପାଟମାନଙ୍କ ସମ୍ବନ୍ଧରେ ଆଲୋଚନା କରାଗଲା -

**କ) ବାରହାପାଟ :-** ଏ ହେଉଛନ୍ତି ମୁଖ୍ୟ ଅପଦେବତା। ଯୁଦ୍ଧରେ ବିଜୟ ଲାଭ କରିବା ଓ ଆକସ୍ମିକ ବିପଦରୁ ପାଇବା ଉଦ୍ଦେଶ୍ୟରେ ତାଙ୍କୁ ପୂଜା କରାଯାଏ।ଯେ କୌଣସି ଜାଗାକୁ ଯାଇଥିଲେ ସେ ସାହାଯ୍ୟ କରନ୍ତି। ତାଙ୍କୁ ନାଲି କୁକୁଡ଼ା ଓ ବୋଦା ବଳି ଦେଇ ସନ୍ତୁଷ୍ଟ କରନ୍ତି।

**ଖ) ମଙ୍ଗରପାଟ:-** ଅନ୍ୟ ଅପଦେବତା ପରି ଏ ମଧ ସାହାଯ୍ୟକାରୀ ଅପଦେବତା। ଏ ମଧ ବଳି ଗ୍ରହଣ କରି ସନ୍ତୁଷ୍ଟ ହୁଅନ୍ତି।

**ଗ) ବୁଢ଼ାପାହାଡ଼:-** ଏହା ଏକ ପୁରୁଷ ଦେବତା। ଯାତ୍ରା ମଙ୍ଗଳ ହେବା ଉଦ୍ଦେଶ୍ୟରେ ଏହି ଅପଦେବତାଙ୍କୁ ପୂଜା କରାଯାଏ। ତାଙ୍କ ଠାରେ ମଧ ବଳି ପଡେ। ବଳି ପାଇଁ ଯେ କୌଣସି ରଙ୍ଗର କୁକୁଡ଼ା ଓ ବୋଦା ବଳି ପଡ଼େ।

(ଏ ସମସ୍ତ ଅପଦେବତା ମୟୂରଭଞ୍ଜର ଚାନ୍ଦୁଆ ଅଞ୍ଚଳରେ ପୂଜିତ ହେଉଥିବାର ଦୃଷ୍ଟି ଗୋଚର ହୁଏ।)

**ଘ) ଠାକୁରଜୀଉ:-**

ସାନ୍ତାଳୀ ମାନଙ୍କର ସବୁଠାରୁ ବଡ଼ଦେବତା। ଏ ହିଁ ତାଙ୍କର ପ୍ରଧାନ ଇଷ୍ଟ ଦେବତା।ସେ ହିଁ ପରମପୁରୁଷ। ବିଶ୍ୱର ସୃଷ୍ଟି, ସ୍ଥିତି, ଓ ପ୍ରଳୟର କାରଣ ସିଏ। ସିଏ ସର୍ବଶକ୍ତିମାନ। ତାଙ୍କ ଠାରୁ ପୃଥିବୀସୃଷ୍ଟି ହୋଇଛି। ସାନ୍ତାଳୀ ମାନଙ୍କର ବିଶ୍ୱାସ ଅନୁସାରେ ଉପନିଷେଦରେ ବର୍ଣ୍ଣିତ ପରମେଶ୍ୱରଙ୍କ ସହ ଠାକୁରଜୀଉ ସମାନ। ଠାକୁରଜୀଉ କାହାରି ଅନିଷ୍ଟ କରନ୍ତି ନାହିଁ।ସେ ପରମ ଦୟାଳୁ ଓ ସର୍ବମଙ୍ଗଳକାରୀ।

**ଙ) ତନ୍ଦ୍ରାପାଟ:-**

ବର୍ଷା ନହେଲେ ଏହି ଅପଦେବତାଙ୍କୁ ଆହ୍ୱାନ କରାଯାଏ। କଦଳୀ ଓ ମିଷ୍ଟାନ୍ନ ଦେଇ ସନ୍ତୁଷ୍ଟ କରିଥାଆନ୍ତି। ଏହା ସହିତ ଯେ କୌଣସି ମାଈକୁକୁଡ଼ା ଓ ବୋଦା ବଳି ପଡ଼ିଥାଏ। ମଙ୍ଗଳ ପାଟଙ୍କୁ ମଧ ଏହି ଉପାୟରେ ସନ୍ତୁଷ୍ଟ କରିଥାଆନ୍ତି।

**ଚ) ଶୂଳାପାଟ:-**

ମକର୍ଦ୍ଦମାରେ ଜୟଲାଭ କରିବା ପାଇଁ ଏବଂ ମଡକ ମହାମାରୀରୁ ରକ୍ଷା ପାଇବା ପାଇଁ ଏହାକୁ ପୂଜା କରାଯାଏ। ଏହାଙ୍କ ପାଖରେ ବି କୁକୁଡ଼ା ଓ ବୋଦା ବଳି ଦେବାର ପରମ୍ପରା ରହିଛି।

**ଛ) ଡଗରଶିଳା:-**

ଅନ୍ୟାନ୍ୟ ପାଟମାନେ ସାରାମୟୂରଭଞ୍ଜ ରେ ବିକ୍ଷିପ୍ତ ଭାବରେ ପଡ଼ିରହିଛନ୍ତି ସେମାନଙ୍କ ମଧ୍ୟରୁ ଡଗରଶିଳା ଅନ୍ୟତମ। ତାଙ୍କୁ ନାଲି କୁକୁଡ଼ା ଓ ବୋଦା ବଳି ଦେଇ ଆହ୍ୱାନ କରାଯାଏ। ଯୁଦ୍ଧରେ ବିଜୟ ଲାଭ ପାଇଁ ଆଶିଷ ଭିକ୍ଷା କରାଯାଏ।

**ଜ) ବୁରୁବୋଂଗା:-**

ଏହା ଏକ ମହାଭୟଙ୍କର ଅପଦେବତା ଭାବରେ କଳ୍ପିତ। ଏ ଦେବତା ମାନବ ରକ୍ତ ପ୍ରିୟ। ବହୁବର୍ଷ ପୂର୍ବେ ସାନ୍ତାଳୀ ମାନେ ନରବଳି ଦେଉଥିଲେ। ସେମାନେ ନରଙ୍କୁ ଅପହରଣ କରୁଥିଲେ। ଅପହରଣକାରୀଙ୍କୁ 'ଅଣ୍ଡଗା' କହୁଥିଲେ। ଏହି ଅପଦେବତାଙ୍କୁ ସନ୍ତୁଷ୍ଟ କରି ସୌଭାଗ୍ୟ ଓ ସମୃଦ୍ଧି ପାଉଥିଲେ। ବର୍ତ୍ତମାନ ଆଉ ନରବଳି ବନ୍ଦ ଥିବାରୁ ଆଉ ବଳି ହେଉନି।

**ଝ) ପିତୃପୁରୁଷ:-**

ପିତୃପୁରୁଷଙ୍କ ପ୍ରୀତାର୍ଥେ ସାନ୍ତାଳୀ ମାନେ ସେମାନଙ୍କ ପୂଜାର୍ଚ୍ଚନା କରିଥାଆନ୍ତି। ସାର୍ବଜନୀନ କିମ୍ବା ବ୍ୟକ୍ତିଗତ ପୂଜାପାର୍ବଣରେ ସାନ୍ତାଳୀମାନେ ତାଙ୍କର ପୂର୍ବପୁରୁଷଙ୍କ ଉଦ୍ଦେଶ୍ୟରେ ହାଣ୍ଡିଆ ସହିତ କୁକୁଡ଼ା ବଳି ପକାନ୍ତି। ଏହି କୁକୁଡ଼ା ଉଭୟ ମାଈ ଓ ଅଣ୍ଡିରା କୁକୁଡା ହେଇଥାଏ ଫସଲ ଅମଳ (ସହରାୟ ପର୍ବ) ଓ ଫୁଲଭାଙ୍ଗୁନି (ବାହା ପର୍ବ) ବେଳେ ସାନ୍ତାଳୀ ମାନେ ବଳି ଦେଇଥାନ୍ତି। ସାନ୍ତାଳୀ ମାନଙ୍କର ଲୋକ ବିଶ୍ୱାସ ଅଛି ଯେ ପିତୃ ପୁରୁଷଙ୍କୁ ବଳି ଦେଇ ସନ୍ତୁଷ୍ଟ କଲେ ସେମାନଙ୍କର ସ୍ୱାସ୍ଥ୍ୟମୟଓ ନିରୋଗ ଜୀବନଯାପନ କରିପାରିବେ।

**ଞ) ବ୍ୟାଘ୍ରଦେବତା:-**

ସାନ୍ତାଳୀ ସମ୍ପ୍ରଦାୟର ଲୋକ ମାନଙ୍କରବିଶ୍ୱାସ ଅନୁସାରେ ସେମାନେ ବ୍ୟାଘ୍ର କୁ ମଧ ଦେବତାର ଆସ୍ଥାନ ଦେଇଥାନ୍ତି। ଏହି ବ୍ୟାଘ୍ରକୁ ଉପାସନା କଲେ ଲୋକମାନଙ୍କର ଗୃହପାଳିତ ପଶୁ ଯଥା:- ଗୋ, ମେଷ, ଛେଳି ଇତ୍ୟାଦିଙ୍କୁ ବନ୍ୟଜନ୍ତୁ ଆକ୍ରମଣରକ୍ଷା ପାଇଥାନ୍ତି। ଏହି ବ୍ୟାଘ୍ର ଦେବତା ନିକଟରେ ମଧ କୁକୁଡା ବଳି ପଡ଼ିଥାଏ। ଏହି ବ୍ୟାଘ୍ର ଦେବତାଙ୍କୁ ଯେତେବେଳେ କୁକୁଡ଼ା ବଳି ଦିଆଯାଏ ବଳି କର୍ତ୍ତା ଉପରେ ଦେବତା ସବାର ହୁଏ।ଯେମିତିକି କାଳିଶୀ ଉପରେ କୌଣସି ଦେବତା ସବାର ହେଲା ପରି। ବ୍ୟାଘ୍ର ଦେବତା ବଳିକର୍ତ୍ତା ଉପରେ ସବାର ହେଲା ପରେ କୁକୁଡ଼ାକୁ ବାଘ ପରି ଦାନ୍ତରେ ଛିଡାଇଥାଏ ଆଉ ତାର ରକ୍ତ ପାନ କରିଥାଏ।

**ଟ) ଜାନ୍ତାଳଦେବ:-**

ଜାନ୍ତାଳଦେବ କହିଲେ ସାଧାରଣତଃ ଆମେ ଜନ୍ତୁ ରକ୍ଷାକାରିଙ୍କୁ ବୁଝିଥାଉ। ସାନ୍ତାଳୀ ମାନଙ୍କର ଲୋକ ବିଶ୍ୱାସ ଅନୁଯାୟୀ ଜାନ୍ତାଳଦେବ ହେଉଛନ୍ତି କୃଷି ଓ ପଶୁପକ୍ଷୀ ସମୃଦ୍ଧର ଦେବତା। ମୟୂରଭଞ୍ଜ ଜିଲ୍ଲାର ବାମନଘାଟି ଅଞ୍ଚଳରେ ଏହି ଜାନ୍ତାଳଦେବଙ୍କ ପୂଜାଅର୍ଚ୍ଚନା କରାଯାଇଥାଏ। ଏହା ପ୍ରତିବର୍ଷ ଭାଦ୍ରବ ମାସରେ ପାହାଡ଼ର ଶୀର୍ଷ ଦେଶରେ ପୂଜାକରାଯାଇ ଥାଏ। ଜାନ୍ତାଳ ଶବ୍ଦର ଅର୍ଥହେଉଛି ଜନ୍ତୁଆଳ ଅର୍ଥାତ୍ ଜୀବଙ୍କର ପାଳନ କର୍ତ୍ତା ତଥା ପାହାଡ଼ର ଠାକୁର। ପାହାଡ଼ ଆଖ ପାଖ ଅଞ୍ଚଳରେ ଗାଁର ଲୋକମାନେ ମିଶି ଛୋଟ ଛୋଟ ପପୀଢ଼ ଗଠନ କରିଥାଆନ୍ତି। ଏମାନେ ବିଭିନ୍ନ ସମୟରେ ଏହି ଜାନ୍ତାଳ ଦେବାଙ୍କୁ ଉପାସନା କହିଥାନ୍ତି ।

**ଖ)ଅଣଆଦିବାସୀ ସଂପ୍ରଦାୟର ଲୋକଦେବ:-**

ପୂର୍ବରୁ କୁହାଯାଇ ଅଛି କି ମୟୂରଭଞ୍ଜ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ଏଠାରେ ଆଦିବାସୀ ବ୍ୟତୀତ ବହୁ ଅଣଆଦିବାସୀମାନେ ବସବାସ କରନ୍ତି। ଏମାନେ ମଧ ଅନ୍ୟାନ୍ୟ ଅଧିବାସୀମାନଙ୍କର ଭଳି ରୀତି, ନୀତି ଚାଲି ଚଳଣି , ଆଚାର

ବ୍ୟବହାର ରହିଅଛି, ଯାହା ଏକ ସଂସ୍କୃତି ସମ୍ପର୍ଣ୍ଣ ଜାତି ଭାବରେ ପରିଚିତ କରାଏ। ଏହି ଅଣଆଦିବାସୀମାନେ ସାଧାରଣତଃ ପୂର୍ବରୁ ମନୁଷ୍ୟ ସମାଜ ପାଇଁ ଯେଉଁ ଚାରିଗୋଟି ବିଭାଗରେ ଭାଗ କରିଥିଲେ ବ୍ରାହ୍ମଣ, କ୍ଷତ୍ରୀୟ ଶୂଦ୍ର, ବଶ୍ୟ ଆଦିର ଶେଷ ଗୋଷ୍ଠୀ। ଏମାନେ ଅନ୍ୟ ସମସ୍ତଙ୍କୁ ସେବା କରନ୍ତି। ମୟୂରଭଞ୍ଜରେ ଦେଖାଯାଉଥିବା ଅଣଆଦିବାସୀମାନଙ୍କର ମଧରେ ହେଲେ ଡ଼ମ, ପାଣ, କମାର, ମାଳି, ତେଲି , ଭଣ୍ଡାରୀ, ବାଉରୀ, ଖଡିଆ, ଚଷା, ପୁରାଣ ପ୍ରଭୃତି। ଏମାନେ ମଧ ଅନ୍ୟ ଅଧିବାସୀ ମାନଙ୍କର ପରି ବହୁ ଦେବଦେବୀଙ୍କୁ ଆରାଧନା ଓ ଉପାସନା କରିଥାନ୍ତି। ନିମ୍ନରେ ସେହି ଅଣଆଦିବାସୀ ମାନଙ୍କର ଲୋକ ଦେବତା ସମ୍ବନ୍ଧରେ ଆଲୋଚନା କରାଯାଇଛି -

**୧.କରମ୍ ଦେବତା:**

ଭାରତ ହେଉଛି ଆର୍ଯ୍ୟ ଓ ଅନାର୍ଯ୍ୟ ସଂସ୍କୃତିର ମିଳନ ପୀଠ। ଓଡ଼ିଶାର ଆଦିମ ଅଧିବାସୀ ଭାବରେ ଆଦିବାସୀ ମାନେ ସ୍ୱୀକୃତ। ଏମାନେ ମୁଖ୍ୟତଃ ଦୁଇଟି ବିଷୟରେ ଅଧିକ ଗୁରୁତ୍ୱାରୋପ କରିଥାଆନ୍ତି। ଗୋଟିଏ ହେଉଛି ପିତୃ ପୁରୁଷ ଦୈବୀବିଶ୍ୱାସ ଏବଂ ଅନ୍ୟଟି ହେଉଛି ଜୀବନପ୍ରତି ଗଭୀର ଆସ୍ଥା ସୂଚକ ସକାରାତ୍ମକ ମନୋଭାବ। ଏହି ମନୋଭାବକୁ ନେଇ ମୟୂରଭଞ୍ଜର ଅଧିବାସୀ ମାନେ କରମସାନି ଦେବତାଙ୍କର ଉଦ୍ଦେଶ୍ୟରେ କରମ ପୂଜା ଅନୁଷ୍ଠିତ ହୋଇଥାଏ। ଏ ହେଉଛନ୍ତି କର୍ମର ଦେବତା। ତାଙ୍କୁ ସନ୍ତୁଷ୍ଟ କରି ପାରିଲେ ସନ୍ତାନ ଲାଭ, ରୋଗ, ପୋକ ଓ ମରୁଡ଼ି ଦାଉରୁ ଫସଲରକ୍ଷା, ଦୈବୀ ଦୁର୍ବିପାକରୁ ସୁରକ୍ଷା ତଥା ସୁଖ ସମୃଦ୍ଧ ଲାଭ ହୋଇଥାଏ।

କରମ୍ ଦେବତା ମୁଖ୍ୟତଃ ମୟୂରଭଞ୍ଜ ଜିଲ୍ଲାରେ ଉଭୟ ଆଦିବାସୀ ଓ ଅଣଆଦିବାସୀ ମାନଙ୍କର ଦେବତା ଅଟନ୍ତି। ଭାଦ୍ରବ ମାସ ଶୁକ୍ଳପକ୍ଷ ଏକାଦଶୀରେ ପୂଜା କରିଥାନ୍ତି। ଏହି କରମ ଦେବତା ହେଉଛନ୍ତି ମୟୂରଭଞ୍ଜରେ କୁଡୁମୀ ସଂପ୍ରଦାୟର ଦେବତା।ଏହା ବ୍ୟତୀତ ଓରାମ, କିଶାନ, ଖଡ଼ିଆ ପ୍ରଭୃତି ଲୋକମାନେ ଆରାଧନା କରିଥାନ୍ତି। ମୟୂରଭଞ୍ଜ ଜିଲ୍ଲା ବ୍ୟତୀତ ଓଡ଼ିଶାର ଅନ୍ୟାନ୍ୟ ଜିଲ୍ଲା ଯେମିତି ସମ୍ବଲପୁର, ବଲାଙ୍ଗୀର, ଢ଼େଙ୍କାନାଳ, ସୁନ୍ଦରଗଡ଼ ପ୍ରଭୃତି ଅଞ୍ଚଳର ଲୋକମାନେ ଆରାଧନା କରିଥାନ୍ତି। କରମା ଗଛର ଡାଳକୁ ଏଥିରେ ପୂଜା କରିଥାନ୍ତି। ଆଦିମ ମଣିଷ ବହୁପ୍ରାଚୀନ କାଳରୁ ବିଭିନ୍ନ ପ୍ରତୀକ ମାଧମରେ ସେମାନଙ୍କର ଆରାଧଙ୍କୁ ପୂଜା କରୁଥିଲେ। ସେଇ ପ୍ରଥା ଅନୁଯାୟୀ କରମ ଦେବତାକୁ ମଧ ଆରାଧନା କରିଥାନ୍ତି। ତାଙ୍କୁ କର୍ମର ଦେବତା ଭାବରେ ଗ୍ରହଣ କରିଥାନ୍ତି। କରମସାନୀଙ୍କ ଉଦ୍ଦେଶ୍ୟରେ ପୂଜର୍ଚ୍ଚନା ପାଇଁ ମଣ୍ଡପ ପ୍ରସ୍ତୁତ କରାଯାଇଥାଏ। ପୂଜାଦିନ କିଛି ଗ୍ରାମବାସୀ ବା ଯୁବକ ଦେହୁରୀଙ୍କ ସହ ବନକୁ ଯାଇଥାନ୍ତି। ପାଞ୍ଚ ବା ସାତ ପତ୍ର ବିଶିଷ୍ଟ, ତଥା ପୋକ ଲଗିନଥିବା କରମା ବା ଶାଳଗଛର ଡାଳକୁ ଗୋଟିଏ ଚଟରେ କାଟିଦିଆଯାଏ । ଏହା ପୂର୍ବରୁ ଝାର୍କର ସେଠାରେ ପୂଜାର୍ଚ୍ଚନା କରିଥାଏ। ତାପରେ ଡାଳକୁ କାଟିକି ନେଇଥାନ୍ତି ଏବଂ ଡାଳ ନେବାବେଳେ ତାଙ୍କ କଣ୍ଠରୁ ଝରିଥାଏ କରମା ସଙ୍ଗୀତ -

"ବାରା ମାଲିନାରେ ସିଜିଆରେ କାରାମ
ବାନା ଭିତରେ ରହା- ହେ କାରାମ।"

ଡାଳ ଧରି ଝାର୍କର ସହିତ ଗ୍ରାମବାସୀ ବାଦ୍ୟ, ନୃତ୍ୟ ଓ ଗୀତ ସହିତ ଶୋଭାଯାତ୍ରାରେ ଗ୍ରାମକୁ ଆସି ନିର୍ଦ୍ଦିଷ୍ଟ ପୂଜା ମଣ୍ଡପରେ ରୋପଣ କରିଥାନ୍ତି। ଝାର୍କର ପୂଜା ଅର୍ଚ୍ଚନା କରିଥାଏ।

**୨.ଚିତ୍ରାହୁଡ଼ି ପାହାଡ଼ଗୁମ୍ଫା:**

ଚିତ୍ରାହୁଡ଼ି ପାହାଡ଼ ଗୁମ୍ଫା ହେଉଛି ବାବା ଛାତ୍ରେଶ୍ୱର ମହାଦେବଙ୍କର ପାହାଡ଼ ଗୁମ୍ଫା। ଏହା ମୟୂରଭଞ୍ଜର କପ୍ତିପଦା ବ୍ଲକର ସଦର ପଞ୍ଚାୟତ ଅନ୍ତର୍ଗତ ଶାଳଘାଟି ଗାଁରୁ ଅନତିଦୂରରେ ଥିବା ଏକ ପାହାଡ଼ରେ ରହିଛି। ଏହି ଗୁମ୍ଫାର ନାମ ଛତାହୁଡ଼ି। ଏହାର ଆକୃତି ମଧ ଏହିପରି ହୋଇଛି। ଏହି ପାହାଡ଼ଟି କପ୍ତିପଦା ଓ ପଡୋଶୀ ବାଲେଶ୍ୱର ଜିଲ୍ଲାର ନୀଳଗିରି ବ୍ଲକର କୁଲଡିହା ଅଭୟାରଣ୍ୟ ମଧରେ ଅବସ୍ଥିତ। ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ପାହାଡ଼ ଉପରୁ ନିମ୍ନ ଭୂମିଦର୍ଶନ ଏଠାକୁ ଆସୁଥିବା ଆଗନ୍ତୁକ ଦର୍ଶକଙ୍କୁ ମୋହିତ କରିଥାଏ। ଛତ୍ରାହୁଡ଼ି ପାହାଡ଼ର ଶୀର୍ଷରେ ଗଦା ହୋଇଥିବା ମାଳ ମାଳ ପଥର ଖଣ୍ଡମାନ ପାହାଡ଼ର ଚିର ଶୋଭାକୁ ବହୁଗୁଣିତ କରିଥାଏ । ଏହି ପଥର ଖଣ୍ଡମାନଙ୍କୁ ପିଟିଲେ ଏଥିରୁ କଂସା ପିଟିଲା ଭଳିଆ ଶବ୍ଦ ନିର୍ଗତ ହୋଇଥାଏ। ଏଠାରେ ପ୍ରତି ବର୍ଷ ମକର ମେଳାରେ ସହସ୍ରାଧିକ ଲୋକଙ୍କର ଆଗମନ ହେଇଥାଏ। ଏହି ପାହାଡ଼ର ସୂର୍ଯ୍ୟାସ୍ତ ଓ ସୂର୍ଯ୍ୟୋଦୟ ବେଶ୍ ରୋମାଞ୍ଚକର। ଏହି ପାହାଡ଼ଟିର ଉଚ୍ଚତା ୨୦୦ ଫୁଟ୍ । ଛତା ହୁଡ଼ି ପାହାଡ଼ରେ ରହିଛି ଏକ ବିଶାଳ ଚଟାଣ ଯାହାର ନାଁ ଦେବଶୋଭା 'ଚତରା ' । ଏଠାରେ ଦେବତାଙ୍କର ସଭା ବସିଥାଏ ବୋଲି ଲୋକ ମୁଖରେ ଶୁଣିବାକୁ ମିଳିଥାଏ। ଏହି ପାହାଡ଼ର ଆଉ ଏକ ବିଶାଳ ପ୍ରସ୍ତର ଖଣ୍ଡ ରହିଛି ଯାହାର କଳେବର ହାତୀ ପେଟେଇଲା ପରି। ଏଥି ପାଇଁ ଏହି ପ୍ରସ୍ତରର ନାଁ 'ହାତୀପେଟା' ।

**୩. ନସକରିଆ ପାହାଡ଼ ଗୁମ୍ଫା:**

ରାଇରଙ୍ଗପୁର ଉପଖଣ୍ଡର ଅନତି ଦୂରରେ ସୁଣ୍ଡଳ ଗ୍ରାମରେ ନସକରିଆ ପାହାଡ଼ ଶୀର୍ଷ ଦେଶରେ ଏକ ଗୁମ୍ଫା ରହିଛି। ଏଠାରେ ଗଣଦେବତା ଦେବ ଦେବ ମହାଦେବଙ୍କର ଆସ୍ଥାନ। ଏହି ଗୁମ୍ଫା ମଧରେ ନସକରିଆ ମହାଦେବ ପୂଜା ପାଆନ୍ତି। କପିଳାସର ଶୈବ ପୀଠ ପରି ଏହି ପୀଠକୁ ଚଢିବାକୁ ହେଲେ ବହୁ କଷ୍ଟ ସହ୍ୟ କରିବାକୁ ପଡ଼େ। ଏଠାରେ ମହାଦେବଙ୍କର ବର୍ଷକୁ ୨ଥର ଯାତ୍ରା ଅନୁଷ୍ଠିତ ହୁଏ। ମହା ଶିବରାତ୍ରୀ ଓ ବିଷୁବ ସଂକ୍ରାନ୍ତିରେ। କିମ୍ବଦନ୍ତୀ ଅନୁସାରେ ଶୁଣ୍ଢଳ ଗ୍ରାମର ସିଦ୍ଧେଶ୍ୱର ମୁଣ୍ଡା ନାମକ ଜଣେ ଭୂମିଜ ଲୋକଙ୍କୁ ବାବା ସ୍ୱପ୍ନାଦେଶ ଦେବାପରେ ଏହି ପୀଠ ଆବିଷ୍କୃତ ହୋଇଥିଲା।

**୪.ବାଦୁଆପାଟ ଗୁମ୍ଫା:**

ମୟୂରଭଞ୍ଜର ସାରସକଣା ବ୍ଲକର ଉମାଦେଇ ପଞ୍ଚାୟତର କବାଟଶାଳ ଗାଁ ନିକଟରେ ରହିଛି ଏକ ପାହାଡ଼। ଏହି ପାହାଡ଼ରେ ରହିଛି ଗୁମ୍ଫା । ଏହି ଗୁମ୍ଫାକୁ ସ୍ଥାନୀୟ ଲୋକମାନେ Bat cave ବା ବାଦୁଡ଼ିଆ ପାଟଗୁମ୍ଫା କହନ୍ତି । ଏହି ଗୁମ୍ଫାରେ ପ୍ରତି ବର୍ଷ ଶ୍ରୀରାମ ନବମୀରେ (ବସନ୍ତ ଋତୁ) ଅବସର ରେ ୩ଦିନିଆ ଗୁମ୍ଫା ଯାତ୍ରା ଅନୁଷ୍ଠିତ ହୋଇଥାଏ। ଏହି ଗୁମ୍ଫାର ନାମକରଣ ସମ୍ବନ୍ଧରେ ଏକ କିମ୍ବଦନ୍ତୀ ଥିବାର ଜଣାପଡେ। ଏହି ଗୁମ୍ଫାକୁ ଲାଗି ଏକ ବିରାଟ ଆମ୍ବବଗିଚା ଥିବାର ଜଣାଯାଏ । ଅତୀତରେ ଏହି ଗୁମ୍ଫାରେ ଜଣେ ସନ୍ନ୍ୟାସୀ ସାଧନାରେ ମଗ୍ନ ଥିଲା। ଏହି ସମୟରୁ

International Journal of Humanities Social Science and Management (IJHSSM)
Volume 6, Issue 1, Jan.-Feb., 2026, pp: 546-558 ISSN: 3048-6874
www.ijhssm.org

ବହୁ ବାଦୁଡ଼ି ବସବାସ କରୁଥିବାର ଜଣାଯାଏ। ପରେ ଗ୍ରାମ ବାସୀଗଣ ଏହି ଗୁମ୍ଫାର ନାମ କରଣ ବାଦୁଡ଼ିଆ ପାଟ କଲେ।

**୫.ବାଘମରା ଗୁମ୍ଫା:**

ବାଘମରା ଗୁମ୍ଫାଟି ମୟୂରଭଞ୍ଜର ଠାକୁରମୁଣ୍ଡା ବ୍ଲକ ନିକଟସ୍ଥ ସାତକୋଶିଆ ଜଙ୍ଗଲ ମଧ୍ୟରେ ଶାଳଗୁଆଁ ଗାଁରେ ରହିଛି। ଏହି ଘଞ୍ଚ ଜଙ୍ଗଲ ମଧ୍ୟରେ ଅନେଗୁଡ଼ିଏ ଗୁମ୍ଫା ରହିଛି। ଏହି ସମସ୍ତ ଗୁମ୍ଫା ମଧ୍ୟରୁ ବାଘମରା ଗୁମ୍ଫାଟି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥାଏ। ଅତୀତରେ ବହୁ ସଂଖ୍ୟାରେ ବାଘ ରହୁଥିଲେ। କୌଣସି କାରଣରୁ ଏହି ଗୁମ୍ଫାରେ ଏକ ମୃତ ବାଘକୁ ଦେଖିବା ପରେ ଜଣେ ସନ୍ନ୍ୟାସୀ ଏହାର ନାମ ବାଘମରା ଦେଇଥିଲେ। ଏହା ପରେ ବାଘମରା ଗୁମ୍ଫା ନାମରେ ଖ୍ୟାତ ହୋଇଛି। ଏହି ବାଘ ମରା ଗୁମ୍ଫା ମଧ୍ୟରେ ରହିଛି ଏକ ଗୀତାଭାଗବତ ଗାଦୀ। ଏହି ଭାଗବତଗାଦୀକୁ ସନ୍ନ୍ୟାସୀ ମାନେ ପୂଜା କରନ୍ତି। ଏହି ଠାରେ ସିଦ୍ଧେଶ୍ୱରଙ୍କ ଏକ ଭବ୍ୟ ମନ୍ଦିର ରହିଛି। ଶୀତ ଋତୁରେ ଏହିଠାରେ ମେଳା ବସିଥାଏ।

**୬.ବଡ଼ାମଦେବ:**

ମୟୂରଭଞ୍ଜରେ ବାଥୁଡ଼ି ଜନ ଜାତିର ସଂଖ୍ୟା ଅଧିକ।ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ଅଠର ଦେଉଳ ଅବସ୍ଥିତ। ଏହିଠାରେ ବାଥୁଡି ଜନଜାତିର ଲୋକମାନେ ତାଙ୍କର ଆରାଧ ଦେବ ବାଡ଼ାମଙ୍କୁ ପୂଜା ଅର୍ଚ୍ଚନା କରନ୍ତି। ପ୍ରତିବର୍ଷ ପଣା ସଂକ୍ରାନ୍ତି ପୂର୍ବରୁ ବଡାମଙ୍କୁ ଉପାସନା କରିଥାନ୍ତି । ଅଠର ଦେଉଳ ମନ୍ଦିର ଭିତରେ ୩ଫୁଟ୍ ୩' ୧/୨ଫୁଟ୍ ଉଚ୍ଚତା ବିଶିଷ୍ଟ ବାଡ଼ାମ୍ ଙ୍କର ଭଗ୍ନ ବିଗ୍ରହ ରହିଛି। ଏହି ମନ୍ଦିର ଗାତ୍ରରେ ବହୁ ଭଗ୍ନ ବିଗ୍ରହ ରହିଛି। ଏହି ଗୁମ୍ଫାର ପାର୍ଶ୍ୱରେ ବହୁ ଶାସ୍ତ୍ରୀୟ ଦେବ ଦେବୀଙ୍କର ବିଗ୍ରହ ରହିଛି। ଏହା ଯଶିପୁର ଠାରୁ ୬୦ କି.ମି. ଦୂର ଦେଓନଦୀ ପାର ହୋଇ ଘନ କାନନ ମଧ୍ୟରେ ଅବସ୍ଥିତ। ଏମାନେ ପୂଜା ପାଠ କରୁଥିବା ବେଳେ ବଳି ଦେଇଥାନ୍ତି। ଭୂତ ପ୍ରେତ କାହାଣୀ ଉପରେ ଏମାନଙ୍କର ବିଶ୍ୱାସ ରହିଛି। ଏମାନଙ୍କର ସ୍ୱତନ୍ତ୍ର ଭାଷା ରହିଛି। ବାଡାମ୍ ଦେବଙ୍କୁ ଏମାନେ ମୁଖ୍ୟତଃ ସୁଖ ସମୃଦ୍ଧ ଓ ରୋଗ ବୈରାଗ୍ୟ ଦୂର ପାଇଁ ଉପାସନା କରିଥାନ୍ତି।

**୨.ମୟୂରଭଞ୍ଜ ଅଂଚଳର ଲୋକଦେବୀ:**

ମଣିଷ ପ୍ରକୃତି କୋଳରେ ଜନ୍ମନିଏ, ତାହାରି କୋଳରେ ଆତଯାତ ହୁଏ, ଲାଳିତ ପାଳିତ ହୁଏ ପୁଣି ତାହାରି କୋଳରେ ଆଖି ବୁଜେ ଚିର ନିଦ୍ରା ଯାଏ। ପ୍ରକୃତର ସେ ରୂପ ଦେଖେ। ତାର ଶାନ୍ତକାନ୍ତ ମୋହନୀୟ ରୂପରେ ସେ ବିମୋହିତ ହୁଏ, ଉଲ୍ଲସିତ ହୁଏ , ପ୍ରକୃତିର ଆନନ୍ଦଦାୟିନୀ ଶାନ୍ତିମୟୀ ରୂପରେ ତା ପ୍ରାଣରେ ଆନନ୍ଦର ତରଙ୍ଗ ଖେଳେ। କେତେ ବେଳେ ପୁଣି ସେ ପ୍ରକୃତିର ହାସ୍ୟମୟୀ ରୂପ ପରିବର୍ତ୍ତେ ପ୍ରଳୟଙ୍କାରୀ, ରୁଦ୍ର ତାଣ୍ଡବମୟୀ ଅଲୌକିକ ଶକ୍ତିମୟୀ ରୂପରେ ସେ ମୁଗ୍ଧଚକିତ ହୁଏ। ଭୟରେ ତାର ପ୍ରାଣ ବିଳପି ଉଠେ। ସେ ନିଜର ସତ୍ତା ହରାଇ ବସେ। ତା ମନରେ ସୃଷ୍ଟି ହୁଏ ଅଦୃଶ୍ୟ ଶକ୍ତିର ଅଦ୍ୱୈତରୂପ ସୁନ୍ଦର ଓ ଅସୁନ୍ଦର। ଜରା ଓ ଯୌବନ, ଦିବା ଓ ରାତ୍ର ଏହି ଅସୁନ୍ଦର ଶକ୍ତିର ପ୍ରତିରୂପ ବୋଲି କଳ୍ପନା କରେ। ସୁନ୍ଦର ଅଦୃଶ୍ୟ ଶକ୍ତିକୁ ଶୁଭଙ୍କର ମନେକରେ। ତାକୁ ଦେବତା ଜ୍ଞାନରେ ପୂଜାରାଧନା କରେ , ତାର ଆଶିଷ କାମନା କରେ। ପୁନଶ୍ଚ ଅଦୃଶ୍ୟ ଶକ୍ତିକୁ ସେ ଅପଦେବତା ମନେ କରେ। ରୋଗ ବୈରାଗ୍ୟ, ଜରା ମୃତ୍ୟୁ, ପ୍ରାକୃତିକ ବିପର୍ଯ୍ୟୟ , ଧୋଇ ମରୁଡ଼ି ଦୁଃଖ ଦୈନ୍ୟ ଏସବୁ ଅନିଷ୍ଟର, ଅଶୁଭର କାରଣ ହେଉଛି ଏଇ ଅପଦେବତା। ତେଣୁ ସେମାନଙ୍କର ସନ୍ତୋଷ ବିଧାନ ପାଇଁ ବଳି ସହ ବିଭିନ୍ନ ପୂଜାର୍ଚ୍ଚନାର ବ୍ୟବସ୍ଥା କଲେ। ଏହାଦ୍ୱାରା ଏହା ଦ୍ୱାରା ତାଙ୍କର କୋପ ଶାନ୍ତ ହୁଏ, ଆଉ ସେମାନେ ଅନିଷ୍ଟ କରନ୍ତି ନାହିଁ। ଏହା ଊଣା ଅଧିକେ ସମସ୍ତ ମଣିଷ ସମାଜର ବିଶ୍ୱାସ।

ଦେବତା ଆଉ ଅପ ଦେବତାଙ୍କୁ କେନ୍ଦ୍ର କରି ମଣିଷ ସମାଜରେ ରୂପ ନିଏ ବିଭିନ୍ନ ଧର୍ମବିଶ୍ୱାସ ଓ ଦେବଦେବୀ । ମୟୂରଭଞ୍ଜର ଅଧିବାସୀଗଣ ବହୁ ଦେବଦେବୀଙ୍କ ବିଶ୍ୱାସ କରନ୍ତି।ନିମ୍ନରେ ମୟୂରଭଞ୍ଜ ଜିଲ୍ଲାର ଲୋକ ଦେବୀଙ୍କର ସମ୍ବନ୍ଧରେ ଆଲୋଚନା କରାଗଲା -

**୧)ଦ୍ୱାରସେଣି ଦେବୀ:**

ମୟୂରଭଞ୍ଜର ବାଙ୍ଗିରୀପୋଷୀ ଗଲାବେଳେ ଘାଟି ରାସ୍ତା ସୀମାରେ ଶିମିଳିପାଳ ପର୍ବତମାଳାରେ ଏହି ଦେବୀଙ୍କର ଆସ୍ଥାନ। ବନ୍ୟ ଜୀବଜନ୍ତୁମାନଙ୍କର ଚଲାପଥ ଓ ବିପଦ ସଙ୍କୁଳ ଅଙ୍କା ବଙ୍କା ରାସ୍ତା କଡ଼ଦେଇ ଯିବାବେଳେ ଏହି ଦେବୀଙ୍କୁ ଭେଟୁ। ଏହି ଦେବୀ ଘାଟିର ଦ୍ୱାରଦେଶରେ ରହି ଅଛନ୍ତି। ଏଥି ପାଇଁ ତାଙ୍କୁ ଦ୍ୱାରଶ୍ରେଣୀ ଦେବୀ କହନ୍ତି। ଏହି ଘାଟି ରାସ୍ତା ଦେଇ ଯିବାବେଳେ ଦେବୀଙ୍କୁ ସମସ୍ତେ ଦର୍ଶନର ସୁଯୋଗ ପାଆନ୍ତି। ଭାରତର ସମସ୍ତ ଗାଡ଼ି ଚାଳକଙ୍କୁ ଏହି ଦେବୀଙ୍କର ମହିମା ଜଣା। ପ୍ରତ୍ୟେକ ଯାନବାହନ ଏହି ରାସ୍ତା ଦେଇ ଯାତାୟତ କଲା ବେଳେ ମା ଦୁଆରଶ୍ରେଣୀଙ୍କୁ ମୁଣ୍ଡିଆ ମାରି ଆଗକୁ ବଢ଼ି ଥାଆନ୍ତି। ଲୋକ ମାନଙ୍କର ବିଶ୍ୱାସ ରହିଛି ଯେ ମାଙ୍କୁ ମୁଣ୍ଡିଆ ମାରି ଗଲେ ସେ ସମସ୍ତ ବିପଦଆପଦ ରକ୍ଷା କରିବେ। ସବୁ ଅଶୁଭ ଶୁଭରେ ପରିଣତ ହେବ। ଏପରିକି ସେଇ ଅଂଚଳରେ ବସବାସ କରୁଥିବା ଅଧିବାସୀ ମାନଙ୍କୁ ମଧ ବନ୍ୟ ଜନ୍ତୁଙ୍କ କବଳରୁ ରକ୍ଷା କରନ୍ତି। ଏହି ପୀଠରେ ଦେବି ବୃକ୍ଷମୂଳରେ ପୂର୍ବରୁ ଅବସ୍ଥାନ କରିଥିଲେ, ମାତ୍ର ଏବେ ସେହି ସ୍ଥାନରେ ସେଠାକାର ସ୍ଥାନୀୟ ଲୋକ ମାନେ ଦେବୀଙ୍କର ନିମିତ୍ତ ସୁଦୃଶ୍ୟ ମନ୍ଦିର ନିର୍ମାଣ କରିଅଛନ୍ତି। ଏହି ମନ୍ଦିରକୁ ଲାଗି ଅଳ୍ପ କେତୋଟି ପାର୍ଶ୍ୱ ଦେବତା ମଧ ରହିଛନ୍ତି। ଏହି ଦେବୀଙ୍କର ମହିମା ଅନେକ। ଲୋକ ମାନଙ୍କର ବିଶ୍ୱାସ ରହିଛି ଯେ ଦେବୀଙ୍କୁ ନିଷ୍କପଟ ହୃଦୟରେ ଆରାଧନା କଲେ ସେମାନଙ୍କର ଇଚ୍ଛା ସବୁ ପୂରଣ କରନ୍ତି। ଏଥି ପାଇଁ ପାଖରେ ଥିବା ଏକ ବୃକ୍ଷରେ ନଡ଼ିଆ କିମ୍ବା ସୂତା ବାନ୍ଧି ଥାଆନ୍ତି। ଏହି ପୀଠରେ ଦେବୀଙ୍କର ରାଜା ରାଜୁଡ଼ା କାଳରୁ ଦେହୁରୀ ପୂଜକଙ୍କ ଦ୍ୱାରା ପୂଜାବିଧି ଅନୁଷ୍ଠିତ ହୋଇ ଆସୁଅଛି।

ପ୍ରତିବର୍ଷ ମୟୂରଭଞ୍ଜର ଗଣପର୍ବ ମକରପର୍ବ ସମୟରେ ଦେବୀଙ୍କର ପୀଠରେ ମେଳା ଅନୁଷ୍ଠିତ ହୁଏ। ଏହାକୁ ସ୍ଥାନୀୟ ଲୋକମାନେ ଦ୍ୱାରଶ୍ରେଣୀ ଘାଟୀମେଳା କହନ୍ତି। ଏଠାରେ ଲକ୍ଷାଧିକ ଲୋକଙ୍କର ଅପୂର୍ବ ସମାଗମ ଘଟେ। ଏହି ସମୟରେ ଏହି ପୀଠରେ ଦେବୀଙ୍କ ଠାରେ ଅହରାତ୍ର ନାମସଂକୀର୍ତ୍ତନ ହୁଏ। ଏହି ପୀଠର ସନିକଟସ୍ଥ ଏକ ସୁଉଚ୍ଚ ପର୍ବତ ରହିଛି ଯେଉଁଠାରେ ମେଳା ସମୟରେ ବହୁଲୋକଙ୍କର ଆଗମନ ହେଇଥାଏ। ଏହି ଠାରେ ରହିଛି ଦ୍ୱିତୀୟବିଶ୍ୱଯୁଦ୍ଧ ସମୟରେ ବ୍ୟବହୃତ ହେଉଥିବା ଗୁମ୍ଫା। ଏହି ଗୁମ୍ଫା ଗୁଡ଼ିକ ବ୍ରିଟିଶ ମାନଙ୍କର ଦ୍ୱାରା ବ୍ୟବହୃତ

International Journal of Humanities Social Science and Management (IJHSSM)
Volume 6, Issue 1, Jan.-Feb., 2026, pp: 546-558 ISSN: 3048-6874
www.ijhssm.org

ହେଉଥିଲା। ଏହି ଗୁମ୍ଫାଟି ଅନ୍ଧକାରମୟ ହୋଇଥାଏ। ଗୁମ୍ଫାଟି ଅଣଅସାରିୟା ହୋଇ ଅଛି । ଏହି ବାଟ ଦେଇ ପାହାଡ଼ ଉପରକୁ ଚଢ଼ି ଥାଆନ୍ତି। ଏଠାରେ ବ୍ରିଟିଶ୍ ବଙ୍କର ଗୁଡ଼ିକ ମଧ ଦେଖିବାକୁ ମିଳି ଥାଏ।

**୨.ସାତପୁଟୁଳି ଦେବୀ:**

ପ୍ରକୃତି ଆପଣାକୁ ତଟିସ୍ଥ କରିପାରେ, ନିଜର ସୁନ୍ଦରତାରେ ମତୁଆଲା କରିପାରେ ତାର ଆକର୍ଷଣରେ ଏବଂ ସର୍ବ ପରି ଗୁରୁଗମ୍ଭୀର କରିପାରେ ତାର ଅମାପ ରହସ୍ୟରେ, ଠିକ୍ ସେହିପରି ଏକ ସ୍ଥାନ ରହିଛି ବାଙ୍ଗିରୀପୋଷୀ ବ୍ଲକ ଭୁଆସୁଣୀ ନିକଟସ୍ଥ ମା ସାତପୁଟୁଳିଙ୍କ ଆସ୍ଥାନ।

ବାଙ୍ଗିରୀପୋଷୀ ଅନ୍ତର୍ଗତ ବୁଢ଼ୀଖମାରୀ, ଭୁଆସୁଣୀ ଓ ବଡ଼ଗାଁ ତିନି ପଞ୍ଚାୟତ କୁ ଲାଗିଛି ଏକ ପାହାଡ଼ ଶୃଙ୍ଖଳ। ଭୌଗୋଳିକ ସ୍ଥିତି ଅନୁସାରେ ଏହି ପାହାଡ଼ଟି ସାତଗୋଟି ସୁଉଚ୍ଚ ପାହାଡ଼କୁ ନେଇ ସୃଷ୍ଟି ହୋଇଥିବାରୁ ଏହାର ନାମକରଣ ଏହପରି ହୋଇଥିବା ଲୋକ ବିଶ୍ୱାସ ରହିଛି। ପାହାଡକୁ ଲାଗିଥିବା ପ୍ରାୟ ୩୬ଗୋଟି ଗ୍ରାମର ଗ୍ରାମବାସୀମାନେ ନିଜର ଆବଶ୍ୟକତା ନିମନ୍ତେ ବର୍ଷସାରା ପାହାଡ଼ ଉପରେହିଁ ନିର୍ଭରଶୀଳ ଏହି ଗ୍ରାମବାସୀମାନଙ୍କୁ ପାହାଡ଼ ହିଁ ବଞ୍ଚିବାର ରାହା ଦେଖାଇଥାଏ। ତେଣୁ ଏଠାକାର ଗ୍ରାମବାସୀମାନେ ମା' ସାତପୁଟୁଳିଙ୍କୁ ନିଜର ଇଷ୍ଟଦେବୀ ମାନି ପୂଜାର୍ଚ୍ଚନା କରିଥାଆନ୍ତି।

ସ୍ଥାନୀୟ ରୀତିନୀତି ଅନୁଯାୟୀ ଭୁଆସୁଣୀ ଗ୍ରାମ ପଞ୍ଚାୟତର ଚାକଦର ଗ୍ରାମରେ ମା' ବର୍ଷଯାକ ପୂଜା ପାଉଥିବା ବେଳେ ମା' ଙ୍କର ନିର୍ଦ୍ଦେଶ କ୍ରମେ ବର୍ଷର ଗୋଟିଏ ଦିନରେ ହିଁ ପାହାଡ଼ ଉପରେ ପୂଜାର୍ଚ୍ଚନା କରୁଥାନ୍ତି। ପ୍ରତିବର୍ଷ ମାଘମାସ ଗୁରୁବାରରେ ଏହି ବିଶେଷ ପୂଜା ଅନୁଷ୍ଠିତ ହେଇଥାଏ। ଏହି ସମୟରେ ପାହାଡ଼ ଉପରେ ପୂଜାର୍ଚ୍ଚନା କରିଥାଆନ୍ତି। ଏହା ପାହାଡ଼ ପୂଜା ନାମରେ ପରିଚିତ। ମା ସାତପୁଟୁଳିଙ୍କର ମହିମା ଅନେକ। ବର୍ଷତମାମ ମା ଚାକଦର ଗ୍ରାମରେ ପୂଜାପାଉଥିବା ବେଳେ ସାତଟି ପାହାଡ଼ର ମଧଭାଗରେ ଥିବା ଏକ ବିସ୍ତୀର୍ଣ୍ଣ ଚଟାଣରେ ମା'ଙ୍କର ବାର୍ଷିକ ପୂଜା ପାଆନ୍ତି। କିମ୍ବଦନ୍ତୀ ଅନୁସାରେ ପୂର୍ବେ ଖଡ଼ିଆ ସଂପ୍ରଦାୟର ଲୋକମାନଙ୍କ ଦ୍ୱାରା ପୂଜା ପାଉଥିଲେ। ସେହି ସଂପ୍ରଦାୟର ପୂଜକଙ୍କ ମୃତ୍ୟୁ ପରେ ପୂଜା ବନ୍ଦ ହୋଇଯାଇ ଥିଲା। ପରେ ସ୍ୱପ୍ନାଦେଶ ଦେବାପରେ ପରେ ବାଥୁଡି ସଂପ୍ରଦାୟର ଲୋକମାନଙ୍କ ଦ୍ୱାରା ପୁର୍ନବାର ପୂଜାର୍ଚ୍ଚନା ଆରମ୍ଭ କଲେ। ମୟୂରଭଞ୍ଜର ରାଜା ମାନଙ୍କର ଏହି ପୀଠ ପ୍ରତି ଅନନ୍ୟ ଭକ୍ତି ରହିଥିବା ଜଣା ଯାଏ। ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଙ୍କ କାଳରେ ପୂଜାର୍ଚ୍ଚନା ନିମିତ୍ତ ସାଢ଼େ ମାଣ ଜମି ଖଞ୍ଜା ଯାଇଥିଲା।

**୩.ଲାଖାଇ ଚଣ୍ଡୀ:**

ମୟୂରଭଞ୍ଜର ବିଭିନ୍ନ ଅଂଚଳରେ ବହୁ ଚଣ୍ଡୀ ମୂର୍ତ୍ତି ଦେଖିବାକୁ ମିଳେ। ସେମାନଙ୍କ ମଧ୍ଯରୁ ଖୁଣ୍ଟା ବ୍ଲକର ସଦର ମହକୁମା ନିକଟସ୍ଥ ଏକ ଢୁଢୁଆ ପୀଠରୁ ପୂର୍ବକୁ ଏକ ପାହାଡ଼ିଆ ଭୂମିରେ ମା ଘଣ୍ଟଶିଳଙ୍କ ପୀଠ। ଏହିଠାରେ ମା ଲାଖାଇ ଚଣ୍ଡୀଙ୍କ ପୀଠ। ଏହା ଏକ ବହୁ ପ୍ରାଚୀନ ପୀଠ। ଏଠାରେ ଦେବୀ ଚତୁର୍ଭୁଜା ବିଗ୍ରହ ପୂଜା ପାଆନ୍ତି। ଦେବୀଙ୍କ ପାଦତଳେ ଶୋଭାପାଏ ଏକ ଛେଳି ଓ ସିଂହ। ଏହି ଘଣ୍ଟ ଶିଳାର ପ୍ରସ୍ତରର ଚଟାଣ ଉପରେ ଶୋଭା ପାଉଅଛି ଅଣ୍ଡାକୃତିର ପଥର ଏହାକୁ ସ୍ଥାନୀୟ ଲୋକମାନେ ଖଦପୁଟୁଳି ବୋଲି କହିଥାନ୍ତି।

ଏହି ଲାଖାଇ ଚଣ୍ଡୀର ଐତିହ୍ୟ ମହାଭାରତ ସହ ସଂଶ୍ଲିଷ୍ଟ। କିମ୍ବଦନ୍ତୀ ଅନୁସାରେ ପାଣ୍ଡବମାନେ ଅଜ୍ଞାତ ବନବାସ ସମୟରେ ଏହି ଠାରେ ଆସି କିଛିଦିନ ଅବସ୍ଥାନ କରିଥିଲେ। ଏହି ଘଣ୍ଟଶିଳା ପାହାଡ଼ର ଅବସ୍ଥାନ କାଳରେ ଭୀମ ଏକ ଖୁଦ ପୁଟୁଳିକୁ ଛାଡ଼ି ଦେଇଥିଲେ। ଏବେ ମଧ ଦେଖାଯାଏ। ଏହି ଠାରେ ଭୀମଙ୍କର ବହୁ ଆଣ୍ଠୁ ଚିହ୍ନ ଦେଖିବାକୁ ମିଳେ।

**୪. ବିରାଟପାଟ:**

ମହିଷା ମର୍ଦ୍ଦିନୀ ମା ଦୁର୍ଗାଙ୍କର ବହୁ ପ୍ରାଚୀନ ମୂର୍ତ୍ତି ମୟୂରଭଞ୍ଜର ବିଭିନ୍ନ ଅଂଚଳରେ ଦେଖିବାକୁ ମିଳେ। ମା ' ବିରାଟପାଟ ହେଉଛନ୍ତି ସେହିପରି ଏକ ଅଷ୍ଟଭୁଜା ଦେବୀ ମୂର୍ତ୍ତି। ଏହି ଦେବୀ ମାଟି ତଳେ କିଛି ଅଂଶ ପୋତିହୋଇ ରହିଛି ଆଉ କିଛି ଅଂଶ ଉପରକୁ ଦିଶୁଛି। ଦେବୀ ଏହି ରୂପରେ ହିଁ ପୂଜା ପାଆନ୍ତି।

ମା ବିରାଟ ପାଟ ଉଦଳା ବ୍ଲକ ଅନ୍ତର୍ଗତ କୁଟଲିଙ୍ଗ ଠାରେ ବିରାଜମାନ କରୁଅଛନ୍ତି। ତେବେ ଏହି କୁଟଲିଙ୍ଗ ନାମକରଣ ସମ୍ବନ୍ଧରେ ବହୁ ତଥ୍ୟ ଶୁଣିବାକୁ ମିଳିଥାଏ। ଏହି ଗ୍ରାମକୁ ତିନିଦିଗରୁ ଦେଓ ନଦୀ ଘେରିକି ରହିଛି। ଏହି ଠାରେ ବହୁ ସଂଖ୍ୟକ ଶିବଲିଙ୍ଗ ଦେଖିବାକୁ ମିଳେ। ଏହି ଠାରୁ ହିଁ କୁଟଲିଙ୍ଗର ନାମକରଣ ହୋଇ ଅଛି । କୁଟଲିଙ୍ଗ ଏକ ଅପଭ୍ରଂଶ ଶବ୍ଦରୁ ସୃଷ୍ଟି। କୋଟି କୋଟି ସଂଖ୍ୟାରେ ଲିଙ୍ଗ କୁଟଲିଙ୍ଗ। ଯଥା - କୋଟିଲିଙ୍ଗ>କୁଟଲିଙ୍ଗ>କୁଟିଂ ହୋଇଅଛି ବୋଲି ଏହି ସମ୍ପର୍କରେ ଐତିହାସିକ ମାନେ ମତ ପୋଷଣ କରନ୍ତି। ଏହି କୁଟଲିଙ୍ଗ ଗ୍ରାମର ଦେଓ ନଦୀକୂଳରେ କୁଦ ଆକାରର ଏକ ଉଚ୍ଚ ଭୂମି ଅଛି ।ଏହି ଠାରେ ହିଁ ମା ବିରାଟପାଟ ଠାକୁରାଣୀ ପୂଜା ପାଆନ୍ତି।

**୫.ହିଙ୍ଗୁଳା:**

ସମଗ୍ର ଓଡ଼ିଶାରେ ମାତ୍ର ଦୁଇ ଗୋଟି ହିଙ୍ଗୁଳା ପୀଠ ଦେଖିବାକୁ ମିଳେ। ଗୋଟିଏ ହେଲା ତାଳଚେରର ଗୋପାଳପ୍ରସାଦ ଠାରେ, ଯେଉଁଟା ସର୍ବବୃହତ୍ ଏବଂ ଅନ୍ୟଟି ମୟୂରଭଞ୍ଜ ଜିଲ୍ଲାର ବଡ଼ସାହି ବ୍ଲକର ସୋହାଗପୁର ପଂଚାୟତ ନିକଟସ୍ଥ ପଞ୍ଚଶାଳ ଜଙ୍ଗଲ ମଧରେ ଦେଖିବାକୁ ମିଳେ ଦେବୀଙ୍କ ପୀଠ। ଏହି ପୀଠ ଗଙ୍ଗାହାର ନଦୀ କୂଳରେ ଅବସ୍ଥିତ। ପ୍ରତିବର୍ଷ ଅଗ୍ନ୍ୟପୂର୍ଣ୍ଣିମା ପର ଶନିବାର କିମ୍ବା ମଙ୍ଗଳ ବାର ଏଠାରେ ହିଙ୍ଗୁଳା ପୀଠରେ ମହୋତ୍ସବ ପାଳନ କରାଯାଇଥାଏ। ଏହା ବ୍ୟତୀତ ମହାଯଜ୍ଞର ମଧ ଆୟୋଜନ କରାଯାଇଥାଏ। ସମଗ୍ର ଓଡ଼ିଶାରେ ଏହାର ପ୍ରସିଦ୍ଧି ରହିଛି।

**୬.ବାସୁକୀ ବା ବସୁମାତା:**

ସାନ୍ତାଳୀ ସମ୍ପ୍ରଦାୟର ଲୋକମାନେ ଗ୍ରାମ୍ୟ ଓ ପାହାଡୀ ଦେବ ଦେବୀ ବ୍ୟତୀତ ସେମାନଙ୍କର ଫସଲର ଅଭିବୃଦ୍ଧି ନିମନ୍ତେ କୁକୁଡ଼ା ଓ ଛେଳି ବଳି ଦେଇ ବସୁମାତାଙ୍କୁ ସନ୍ତୁଷ୍ଟ କରିଥାନ୍ତି। ଏହି ଦେବୀଙ୍କର ପୂଜା ବର୍ଷର ଯେ କୌଣସି ସମୟରେ ପାଳନ କରାଯାଏ ନାହିଁ ଏହା କେବଳ ବିଶେଷ ଭାବରେ ଫସଲ ହାନି ହେବାର ସମ୍ଭାବନା ଦେଖିଲେ ସାନ୍ତାଳୀମାନେ ତାଙ୍କଠାରେ ପୂଜା ଓ ବଳିଦାନ ସହିତ ଅବାହାନୀ ଗାନ କରିଥାନ୍ତି।

**୭.ରଙ୍କିଣୀ:**

ରଙ୍କିଣୀ ହେଉଛନ୍ତି ଜଣେ ଆଦିବାସୀ ଦେବୀ। ରଙ୍କିଣୀଙ୍କୁ ସାନ୍ତାଳୀ ମାନେ ଆରାଧନା କରିଥାନ୍ତି। ଏ ଏକ ରକ୍ତ ପିପାସିନୀ ଦେବୀ। ପାହାଡ଼ ଉପରେ ବସବାସ କରନ୍ତି। ଏ ଦେବୀଙ୍କର ରକ୍ତ

ପାନ କରିବାର ବିଶେଷ ଆଗ୍ରହ ବୋଲି ସାନ୍ତାଳୀ ସମ୍ପ୍ରଦାୟର ଲୋକମାନଙ୍କର ବିଶ୍ୱାସ ରହିଥିଲା। ମାତ୍ର ଏବେ ଏ ବିଶ୍ୱାସ ଲୋପ୍ ପାଇ ସାରିଲାଣି। । ଏବେ ଆଉ ଏହି ରଙ୍କିଣଦେବୀଙ୍କ ପାଖରେ ବଳି ପଡୁ ନାହିଁ।

**୮.ଜାହେର ଏରା:**

ଜାହେର ଏରା ମଧ ଆଦିବାସୀ ଦେବୀ। ଏହାକୁ ମୁଖ୍ୟତଃ ସାନ୍ତାଳୀ ସମ୍ପ୍ରଦାୟର ଲୋକମାନେ ପୂଜା କରିଥାନ୍ତି ଗ୍ରାମ ଦେବୀ ଭାବରେ। ଏ ଦେବୀ ମାଣେକୋଙ୍କ ସାନ ଭଉଣୀ ଭାବରେ ପୂଜା ପାଆନ୍ତି। ଜାହେର ଏରା ପ୍ରତ୍ୟେକ ଗ୍ରାମର ଝଙ୍କାଳିଆ ତୋଟାରେ ଅବସ୍ଥାନ କରନ୍ତି। ଏହି ତୋଟାକୁ ଜାହେରା ସ୍ଥାନ୍ କହନ୍ତି। ଏହି ଠାରେ ହିଁ ସାନ୍ତାଳୀ ମାନଙ୍କର ସମସ୍ତ ଦେବ ଦେବୀଙ୍କର ଆସ୍ଥାନ ଦେଇଥାନ୍ତି ଥାଆନ୍ତି।

**୯.ଶୀତଳା:**

ଶୀତଳା ହେଉଛନ୍ତି ଅନ୍ୟତମ ଗ୍ରାମ ଦେବୀ। ମା ମଙ୍ଗଳାଙ୍କ ପରି ସେ ସର୍ବତ୍ର ପୂଜିତ ହୁଅନ୍ତି। ପ୍ରତ୍ୟେକ ଗ୍ରାମର ସେ ସେବା ପାଆନ୍ତି।

**୩.ଲୋକ ଦେବ ଦେବୀଙ୍କର ପର୍ବପର୍ବାଣୀ:**

ଲୋକ ଦେବତା ହେଉଛନ୍ତି ବ୍ୟକ୍ତିର ରକ୍ଷାକର୍ତ୍ତା, ପରିବାରର ଜାତିର, ସମାଜର, ଗ୍ରାମର ଅଞ୍ଚଳର ରକ୍ଷାକର୍ତ୍ତା ଆଉ ସେହି ଦେବତାଙ୍କୁ ହିଁ ଲୋକ ନିଜର ତଥା ନିଜ ଅଞ୍ଚଳର ଅଭିଭାବକ ବୋଲି ଗ୍ରହଣ କରିଛନେଇଛନ୍ତି। ସେହି କାରଣରୁ ଲୋକ ମାନେ ଦେବତାଙ୍କୁ ସମ୍ମାନର ସହିତ ସନ୍ତୁଷ୍ଟ କରିବା ସକାଶେ ବର୍ଷକୁ ଥରେ କିମ୍ବା ୨ଥର ଦେବତାଙ୍କର ସ୍ୱତନ୍ତ୍ର ପୂଜା ପଦ୍ଧତି ଓ ପର୍ବପର୍ବାଣୀର ଆୟୋଜନ କରିଥାନ୍ତି। ପୁନି ଦେବତା ମଧ ନିଜର ନିଜର ଅଭିଭାବକ ଦାୟିତ୍ୱ ସମ୍ପାଦନା କରିବା ନିମିତ୍ତ ନିଜର ପରିବାରର ଲୋକମାନଙ୍କର ଦୁଃଖ ସୁଖ, ମନ୍ଦ ଭଲ, ବୁଝିବା ପାଇଁ ନିଜ ଅଞ୍ଚଳରୁ ବର୍ଷକୁ ଥରେ କିମ୍ବା ୨ଥର ବାହାରରକୁ ବାହାରନ୍ତି। ଦେବତା ମଧ ନିଜ ସ୍ୱରୂପରେ ନ ବାହାରି ପ୍ରତୀକ ସ୍ୱରୂପ ବାହାରି ଥାଆନ୍ତି। ଲୋକ ଦେବତା ପ୍ରତିଷ୍ଠିତ ସ୍ଥାନରେ ଯେତେବେଳେ ଲୋକ ମାନେ ଦେବତାଙ୍କୁ ସନ୍ତୁଷ୍ଟ କରିବା ପାଇଁ ସ୍ୱତନ୍ତ୍ର ପୂଜା ପଦ୍ଧତି ଓ ପର୍ବପର୍ବାଣୀର ଆୟୋଜନ କରିଥାନ୍ତି। ମୟୂରଭଞ୍ଜ ଅଂଚଳରେ ଦେଖାଯାଉଥିବା ଲୋକ ଦେବଦେବୀଙ୍କର ମଧ ଅନୁରୂପ ମଧରେ ସ୍ୱତନ୍ତ୍ର ପୂଜା ପଦ୍ଧତି ଓ ପର୍ବପର୍ବାଣୀ ଆୟୋଜିତ ହୋଇଥାଏ। ଏଗୁଡ଼ିକ ନିମ୍ନରେ ଅବତାରଣା କରାଗଲା -

**୧.ମକର ପର୍ବ:**

ଆମ ଓଡ଼ିଆ ମାନେ ବାର ମାସରେ ତେର ପର୍ବ ପାଳନ କରିଥାନ୍ତି। ସେହି ପର୍ବ ପର୍ବାଣୀ ମଧରୁ ମକରପର୍ବ ସମଗ୍ର ଉତ୍ତର ଓଡ଼ିଶାରେ ଗଣପର୍ବର ମାନ୍ୟତା ଦିଆଯାଏ। ଏହା ଏହି ଅଞ୍ଚଳର ସାମାଜିକ ଓ ସାଂସ୍କୃତିକ ଜୀବନଧାରାକୁ ବହୁଳ ଭାବରେ ପ୍ରଭାବିତ କରିଥାଏ। ପୌଷମାସର ଶେଷ ଓ ମାଘମାସର ଆଦ୍ୟ ଭାଗରେ ମୟୂରଭଞ୍ଜର ପୁରପଲ୍ଲୀରେ ଆନନ୍ଦ ଉତ୍ସବ ମୁଖର ହୋଇ ଉଠିଥାଏ। ମକରପର୍ବର ପୂର୍ବଦିନକୁ ବାଉଣ୍ଡି କହନ୍ତି । ଏହି ଦିନ ମୟୂରଭଞ୍ଜ ଅଂଚଳରେ ପ୍ରତ୍ୟେକ ଘରେ ମାଛ ରୋଷେଇ କରି ଭଜନ କରନ୍ତି। ମକର ସଂକ୍ରାନ୍ତିର ଦିନଟିକୁ 'ଚାଉଳ ଧୁଆ' କହନ୍ତି। ପ୍ରତ୍ୟେକ ଗୃହିଣୀ ନୂତନ ଟୋକେଇରେ ଅରୁଆ ଚାଉଳ ପୂର୍ଣ୍ଣ କରି ଧୋଇ ଥାଆନ୍ତି। ତାପରେ ଚାଉଳକୁ ଗୁଣ୍ଡକରି ଚୁନା ବାହାର କରନ୍ତି। ଏହି ମକର ସଂକ୍ରାନ୍ତିର ପୂର୍ବଦିନ ପ୍ରତ୍ୟେକ ଘରେ ନାନା ପ୍ରକାର ପିଠା ତିଆରି କରାଯାଏ। ଏହି ଦିନ ବନ୍ଧୁକୁ ସୁଦୃଢ଼ କରିବା ପାଇଁ ମଣିଷ ମଣିଷ ମଧରେ ସହି ସଙ୍ଗାତ, ମକର ଆଉ ବଉଳ ଆଦି ବସିଥାନ୍ତି।

ମକର ସଂକ୍ରାନ୍ତି ଦିନ ସୂର୍ଯ୍ୟ ଉଦୟ ହେବା ପୂର୍ବରୁ ପରିବାରର ସମସ୍ତ ସଦସ୍ୟ ବୈତରଣୀ, ବୁଢ଼ାବଳଙ୍ଗ ଆଦି ନଦୀରେ ମକର ବୁଡ଼ ପକାଇଥାନ୍ତି। ବୈତରଣୀର ର କେଶରୀକୁଣ୍ଡ, ରାମତୀର୍ଥ, ରୂପା କୁଣ୍ଡ, ଭୀମକୁଣ୍ଡରେ ବୁଡ଼ ପକାଇଲେ ସବୁଠୁ ଅଧିକ ପୁଣ୍ୟ ଅର୍ଜନ କରିଥାଆନ୍ତି ବୋଲି ଲୋକ ବିଶ୍ୱାସ ରହିଛି । ସେହି ପରି ଯଶୀପୁର, କରଞ୍ଜିଆ, ଠାକୁର ମୁଣ୍ଡା,ରାଣୀବନ୍ଧ, ରାଇରଙ୍ଗପୁର, କୁସୁମୀ, ବୈସିଙ୍ଗା, ବେତନଟୀ, ବାଲଡିହା, ମଣଦା, ଜାନୁମ୍ ଘୁଟୁ ଆଦି ଅଂଚଳରେ ବଡ଼ ବଡ଼ ମେଳା ସବୁ ଅନୁଷ୍ଠିତ ହୋଇ ଥାଏ। ମୟୂରଭଞ୍ଜ ଜିଲ୍ଲାରେ ମକର ସଂକ୍ରାନ୍ତିର ସାତଦିନ ପରେ ମଧ ବିଭିନ୍ନ ସ୍ଥାନରେ ମେଳା ଅନୁଷ୍ଠିତ ହୋଇଥାଏ। ଏହି ମେଳା କୁଡୁମି ସଂପ୍ରଦାୟର ଟୁସୁମେଳା ଭାବରେ ବେଶ୍ ବିଖ୍ୟାତ।

**୨.ଟୁସୁପର୍ବ:**

ମୟୂରଭଞ୍ଜ ଜିଲ୍ଲାର ଅନ୍ୟତମ ବେଶ୍ ଲୋକପ୍ରିୟ ପର୍ବ ହେଲା ଟୁସୁପର୍ବ। ଏହା କୁଡୁମୀ ସଂପ୍ରଦାୟର ନାରୀ ମାନଙ୍କ ଦ୍ୱାରା ପାଳନ କରାଯାଉଥିବା ପର୍ବ। ଏହା ମକର ସଂକ୍ରାନ୍ତି ଦିନଠାରୁ ଆରମ୍ଭ ହୋଇଥାଏ। କୁଡୁମୀ ସଂପ୍ରଦାୟର ଅବିବାହିତା ନାରୀ ତାଙ୍କର ଲୋକଦେବୀ ଟୁସୁଙ୍କ ମୂର୍ତ୍ତି ନିର୍ମାଣ କରିଥାଆନ୍ତି ଏବଂ ପୂଜା ଅର୍ଚ୍ଚନା କରିଥାନ୍ତି। ଏହି ଟୁସୁ ଦେବୀଙ୍କୁ ମୁଖ୍ୟତଃ ବୈତରଣୀ, ବୁଢ଼ାବଳଙ୍ଗ, ଖଡଖାଇ, ଜାମ୍ବିରା ଓ ଅନ୍ୟାନ୍ୟ ନଦୀ କୂଳମାନଙ୍କରେ ଦେବୀଙ୍କୁ ସ୍ଥାପନା କରାଯାଇଥାଏ। କୁଡୁମୀ ସମ୍ପ୍ରଦାୟର ଲୋକମାନେ ବିଶେଷ କରି ଅବିବାହିତ ନାରୀ ପାରମ୍ପରିକ ଗୀତଗାଇ ଟୁସୁଦେବୀଙ୍କ ଶୋଭା ଯାତ୍ରା ବାହାର କରି ଗ୍ରାମ ପରିକ୍ରମା କରନ୍ତି। ପୂଜା ଶେଷ ହେବା ପରେ ଗାଁର ଝିଅ ବୋହୁମାନେ ମିଶି ଟୁସୁ ଦେବୀଙ୍କୁ ନେଇ ନଦୀରେ ବିସର୍ଜନ କରିଥାନ୍ତି। ଓଡ଼ିଆ ଘରର ଭାଲୁକୁଣୀ ପରି ଟୁସୁ ଦେବୀ ହେଉଛନ୍ତି ମାଟି ନିର୍ମିତ ପ୍ରତିମା। କୁଡୁମୀ ସଂପ୍ରଦାୟର ଏହି ଟୁସୁଦେବୀଙ୍କୁ ପୂଜା କରିବା ବିଧି ସମ୍ପର୍କରେ ଅନେଗୁଡ଼ିଏ କାରଣ ଥିବା କହନ୍ତି। କୁଡୁମୀ ସମ୍ପ୍ରଦାୟର ଲୋକ ମାନେ ସେମାନଙ୍କର ଇଷ୍ଟ ଦେବୀ ଭାବରେ ପୂଜା କରନ୍ତି। ଟୁସୁ ପୂଜାର କୌଣସି ବିଧି ବଦ୍ଧ ଇତିହାସ ନାହିଁ ତଥାପି ଏହା ସମ୍ବନ୍ଧରେ ପ୍ରବାଦ ଶୁଣିବାକୁ ମିଳେ। ବସ୍ତୁତଃରେ ଟୁସୁ କୌଣସି ଦେବଲୋକର ଦେବୀ ନୁହେଁ ସେ ଲୌକିକ ଦେବୀ।ସେ ଲୋକ ମାନଙ୍କର ଲୋକ ବିଶ୍ୱାସର ଦେବୀ।

**୩.ଉଢ଼ା ପର୍ବ:**

ମୟୂରଭଞ୍ଜ ଜିଲ୍ଲାର ଅନ୍ୟାନ୍ୟ ଲୋକ ଦେବ ଦେବୀଙ୍କର ପର୍ବ ପର୍ବାଣୀ ପରି ଉଢ଼ାପର୍ବ ବାସୁଳୀ ଠାକୁରାଣୀଙ୍କ ପର୍ବ। ଏହା ମୟୂରଭଞ୍ଜର ରାଇରଙ୍ଗପୁର, ଠାକୁରମୁଣ୍ଡା, ଉପରବେଡ଼ାଆଦି ଅଂଚଳରେ ଏହି ପର୍ବ ପାଳନ କରିଥାନ୍ତି।

International Journal of Humanities Social Science and Management (IJHSSM)
Volume 6, Issue 1, Jan.-Feb., 2026, pp: 546-558 ISSN: 3048-6874
www.ijhssm.org

ଚୈତ୍ର ମାସର ଶେଷ ଦୁଇଦିନ ଏବଂ ବୈଶାଖ ମାସର ପ୍ରଥମ ଦିନ ଏହି ଉଡ଼ାପର୍ବ ପାଳନ କରିଥାନ୍ତି। ପ୍ରତିବର୍ଷ ମହା ବିଷୁବ ସଂକ୍ରାନ୍ତି ଦିନ ଏହି ପର୍ବ ପାଳନ କରାଯାଉଥିବା ଜଣାଯାଏ। ଏହି ପର୍ବ ପାଳନ ବେଳେ ଭକ୍ତଗଣ ଠାକୁରାଣୀଙ୍କ ଉଦ୍ଦେଶ୍ୟରେ ନିଜ ଶରୀରରେ ନାନାପ୍ରକାର ଯାତନା ଦେଇ ପୂଜାର୍ଚ୍ଚନା କରିଥାଆନ୍ତି। ଏହି ସମୟରେ ଘଟ ଶୋଭାଯାତ୍ରା ତନ୍ତ୍ର ସାଧନାର କୁଛ ସାଧନା ସ୍ୱରୁପ କଣ୍ଟା ପିଢ଼ାରେ ବସିବା, ଶୁଖିଲା ଅଙ୍କରାନ୍ତି କଣ୍ଟା ଗଦା ଉପରେ ଗଡ଼ିବା, ହାତ, ବାହୁ ମାଂସ ପେଶୀ ଭିତରେ ରସିପୁରେଇ ଟଣା ଓଟରା କରିବା ,ରାଧାଚକ୍ରରେ ଉଡ଼ିବା । ଭକ୍ତମାନେ ଦିନ ତମାମ ଉପବାସ ରହି ଦୁଇ ବାହୁରେ କଣ୍ଟା ଫୋଡ଼ି ଏକ କାଠରେ ଝୁଲି ଆକାଶରେ ଉଡ଼ିଥାଆନ୍ତି। ଏହା ହିଁ ଉଡ଼ା ପର୍ବ।

**୪.ବାନ୍ଦନା ପର୍ବ:**

ପ୍ରତିବର୍ଷ କାଳୀ ପୂଜା ଅବସରରେ ମୟୂରଭଞ୍ଜ ଜିଲ୍ଲାର କୁଡୁମୀ ସଂପ୍ରଦାୟର ଲୋକମାନେ ଗୋ ପୂଜା ଅବସରରେ ଏହି ପର୍ବ ପାଳନ କରିଥାନ୍ତି। ଏହାକୁ ମୁଖ୍ୟତଃ ବନ୍ଦନା ପର୍ବ କହନ୍ତି। କାରଣ ଗୋ ବନ୍ଦାଇବା ଏହି ପର୍ବର ମୁଖ୍ୟ ଆକର୍ଷଣ। ଏହା ଏକ କୃଷି ଭିତ୍ତିକ ପର୍ବ। କୁଡୁମୀ ବସବାସ କରୁଥିବା ଅଂଚଳରେ କୁମ୍ଭାର, କମାର, ଭୂମିଜ, ସାନ୍ତାଳି , ତନ୍ତୀ, ଭଣ୍ଡାରିଓ ଲୋଧା ଆଦି ସଂପ୍ରଦାୟର ଲୋକମାନେ ଏହି ପର୍ବଟିକୁ ଅତି ଆନନ୍ଦ ସହକାରେ ପାଳନ କରିଥାନ୍ତି।

କାର୍ତ୍ତିକ ଅମାବାସ୍ୟା ଦିନଠାରୁ ଏହି ପର୍ବକୁ ତିନିଦିନ ଧରି ପାଳନ କରାଯାଏ। ପ୍ରଥମ ଦିନକୁ 'ଗୋଠପୂଜା' କୁହାଯାଉଥିବା ବେଳେ ଦ୍ୱିତୀୟ ଦିନକୁ ' ଗୋରୟା ପୂଜା' ଏବଂ ତୃତୀୟ ଦିନକୁ ବୁଢ଼ୀ ବନ୍ଦନା ଭାବରେ ପାଳନ କରାଯାଇ ଥାଏ। ବର୍ଷ ତମାମ ଗାଈ, ଗୋରୁ ମଣିଷର ସେବା କରିଥାଏ, ଏଥି ପାଇଁ ଗୋ ଧନକୁ ମଣିଷ ଏହି ପର୍ବରେ ବନ୍ଦାପନା କରିଥାନ୍ତି। ଗୋରୁ ଗାଈଙ୍କ ମଙ୍ଗଳ କାମନା କରି କୁଡୁମୀ ମାନେ ବନ୍ଦନା ବା ଗୋବର୍ଦ୍ଧନ ପୂଜା କରିଥାନ୍ତି। ଏହା ଦୀପାବଳୀ ଦିନ ଆରମ୍ଭ ହୋଇ ତିନି ଦିନ ପର୍ଯ୍ୟନ୍ତ ଚାଲି ଥାଏ।

**୫.କରମ ପର୍ବ:**

ମୟୂରଭଞ୍ଜର କୁଡୁମୀ ସଂପ୍ରଦାୟର ଅନ୍ୟତମ ଲୋକପ୍ରିୟ ପର୍ବ ହେଲା କରମ ପର୍ବ। ଏହା କୁଡୁମୀ ଜାତି ବ୍ୟତୀତ ଖଡ଼ିଆ, ଓରାମ, କିଷାନ ଆଦି ସଂପ୍ରଦାୟର ଲୋକମାନେ ପାଳନ କରିଥାନ୍ତି। ଏହା ସାଧାରଣତଃ ଭାଦ୍ରବ ମାସରେ ଶୁକ୍ଳପକ୍ଷ ଏକାଦଶୀଦିନ ପାଳନ କରିଥାନ୍ତି। ବନ ମଧ୍ୟରୁ ଶାଳ ଗଛର ଡାଳକୁ କରମ ଡାଳ ଭାବରେ ଗ୍ରାମର ଏକ ମୁକ୍ତ ପରିବେଶରେ ସ୍ଥାପନା କରି ପୂଜା କରିଥାନ୍ତି। ଏହି ଅବସରରେ ଯୁବକ ଯୁବତୀମାନେ ପରସ୍ପର ସମ୍ମୁଖରେ ଅର୍ଦ୍ଧବୃତ୍ତାକାରରେ ସଜ୍ଜିତ ହୋଇ ପରସ୍ପର ହାତ ଓ ଅଣ୍ଟାକୁ ଛନ୍ଦି ମାଦଳର ତାଳେ ତାଳେ ନୃତ୍ୟ କରୁଥାନ୍ତି। ବେଳେ ବେଳେ ଯୁବକମାନେ ମାଦଳ ବଜାଇ ଥାଆନ୍ତି ଏବଂ ଯୁବତୀ ମାନେ ଅଣ୍ଟାଭାଙ୍ଗି ମୁଣ୍ଡଝୁଲାଇ ନୃତ୍ୟ କରିଥାନ୍ତି। ସମୟେ ସମୟେ ସଙ୍ଗୀତର ସମ୍ମିଳିତ ସ୍ୱର ମଧ୍ୟ ଶୁଣିବାକୁ ମିଳିଥାଏ।

ଯଥା -

" ଗାଇମି କରାମା ଗୀତ ମୂଳ ନାଇଁ ଆସେ
ଜୁହାର ଜୁହାର କରମସାନି ତୋତେ ହୋ।
ପରସନ ହୁଅ ମୋତେ ହୋ।
ନାଲି ସୂତା କେରୀ କେରୀ ବାଜେରେ ବାଂଶରୀ
ବନ୍ଧୁ ଗଲେ ପର ବାସେ ନ ଆସିଲେ ଫେରି,
ଆସି ଗୁରୁବାର ଆଏରେ କାଲି ଶୁକ୍ରବାର
ସମାଧି ଘରେ ଦେଇଗଲେ ଖଜା ଖିଆ ଭାର
ଭୋକ କଲେ ଘେନି ଦେମି ଖଜା ଦୁଇ ପେସାର
ଶୋଷ କଲେ ଘିନି ଦିମି ନବାତର ପାନି।"

ବସ୍ତୁତଃରେ ଦେଖିବାକୁ ଗଲେ, ଏଥିରେ କରମ ଦେବ ଓ ଦେବୀଙ୍କୁ ଆରାଧନା କରାଯାଇଥାଏ। ଏଥିରେ ଡାଲଖାଇ ଗୀତପରି ଆଦି ରସାତ୍ମକ ଗୀତ ସ୍ଥାନ ପାଇଥାଏ। ଏହା ଆଧାତ୍ମିକ ଜୀବନ ସାଧନାରେ ସାହାଯ୍ୟ କରିଥାଏ। ଏବଂ ଧାରା ବାହିକ ଜୀବନ ଚଳଣିରେ ଏହା କିଛିଟା ପରିବର୍ତ୍ତନ ଏବଂ କର୍ମ ପ୍ରବଣତା ମଧ୍ୟ ସୃଷ୍ଟି କରିଥାଏ।

**୬.ସହରୁଲ୍ ପର୍ବ:**

ମୟୂରଭଞ୍ଜର ମୁଣ୍ଡା ସମ୍ପ୍ରଦାୟର ଆଦିବାସୀମାନେ ଚୈତ୍ର ମାସରେ ସହରୁଲ୍ ପର୍ବ ପାଳନ କରିଥାନ୍ତି। ପ୍ରତ୍ୟେକ ଲୋକ ଏଥିପାଇଁ ପୂର୍ବ ପୁରୁଷମାନଙ୍କ ପାଇଁ ଗୋଟିଏ ଲେଖାଏଁ କୁକୁଡ଼ା ବଳି ଦେଇଥାନ୍ତି। ମୁଣ୍ଡା ଯୁବକ ଯୁବତୀମାନେ ଶାଳଗଛର ଫୁଲକୁ ପରସ୍ପରକୁ ଭେଟି ଦିଅନ୍ତି ଓ ଏହାକୁ ମୁଣ୍ଡରେ ଖୋସି ଥାଆନ୍ତି। ସମୂହ ଗୀତ ଓ ନୃତ୍ୟରେ ଏମାନେ ଏଇ ପର୍ବରେ ଯୌବନ ଓ ବସନ୍ତକୁ ମନଭରି ଉପଭୋଗ କରନ୍ତି।

**୭.ବାହାବୋଂଗା ପର୍ବ:**

ବସନ୍ତର ଆଗମନରେ ଏ ଧରଣୀ ପୁନଃ ସଂଜିବିତ ହୋଇ ଉଠେ। ଶୀତଋତୁରେ ପତ୍ର ଝଡା ଦେଇ ବୃକ୍ଷଗୁଡ଼ିକ ପୁନଃ ପତ୍ର କଅଁଳି ଉଠେ। ନାନା ଜାତିର ବୃକ୍ଷଲତାରେ ଫୁଲ କଅଁଳେ । ଏହି ସମୟରେ ବିଶେଷ କରି ଶାଳଗଛ ଗୁଡ଼ିକରେ ନୂତନ ଫୁଲ ଧରି ଥାଏ। ମହମହ ବାସ୍ନାରେ ଚାରି ଆଡେ ମହକିତ ହେଉଥାଏ। ମୟୂରଭଞ୍ଜର ସାନ୍ତାଳୀ ସମ୍ପ୍ରଦାୟର ଲୋକମାନେ ମଙ୍ଗଳାଓଷା କରିବା ସହିତ ବାହାବୋଂଗା ପର୍ବ ମଧ୍ୟ ପାଳନ କରିଥାନ୍ତି। ଗ୍ରାମର ପ୍ରତିଷ୍ଠାତା ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ଦିଆଯାଇଥାଏ। ଯୁବକ ଯୁବତୀମାନେ ଘରଲିପପୋଛା କରି ଶାଳଫୁଲ ଟାଙ୍ଗନ୍ତି। ପ୍ରତ୍ୟେକ ପରିବାରର ପିତୃ ପୁରୁଷଙ୍କ ଉଦ୍ଦେଶ୍ୟରେ କୁକୁଡା ବଳି ଦିଆଯାଏ। ଗାଁ ଗାଁ ମଧ୍ୟରେ ନୃତ୍ୟ ଓ ସଙ୍ଗୀତର ପ୍ରତିଯୋଗିତା ମଧ୍ୟ ଆୟୋଜନ କରାଯାଇଥାଏ। ଶାଳ ଫୁଲର ପୂଜା ନସରିବା ପର୍ଯ୍ୟନ୍ତ କୌଣସି ଯୁବକ କି ଯୁବତୀ ଶାଳ ଫୁଲକୁ ମୁଣ୍ଡରେ ଖୋସନ୍ତି ନାହିଁ। ଶାଳ ଫୁଲର ପୂଜା ସରିବା ପରେ ଗ୍ରାମ୍ୟ ଯୁବକ ଯୁବତୀଗଣ ଅତି ଆନନ୍ଦ ସହକାରେ ସେ ଦିନଟିକୁ ଉପଭୋଗ କରନ୍ତି।

**୮.ମାମଣେ ପର୍ବ:**

ମୟୂରଭଞ୍ଜ ଏକ ଅରଣ୍ୟ ପରିବେଷ୍ଟିତ ଜିଲ୍ଲା ତଥାପି ଏଠାରେ ବସବାସ କରୁଥିବା ଅଧିବାସୀଗଣ ଜୀବିକାର୍ଜନ ପାଇଁ ଚାଷ ବାସ କରିଥାନ୍ତି। ତେବେ ଏହି ଅଂଚଳର ସାନ୍ତାଳୀ ମାନଙ୍କର ଅନ୍ୟତମ ବଡ଼ ପର୍ବ ହେଲା ମାମଣେ ପର୍ବ। ଏହାକୁ ସାନ୍ତାଳୀ ମାନେ ଧାନ କଟା ପରେ ପାଳନ କରିଥାନ୍ତି। ଏହି ପର୍ବ ମୁଖ୍ୟତଃ ମାର୍ଗଶୀର ମାସରେ ପାଳନ କରିଥାନ୍ତି। ପ୍ରଥମ ଦିନ ସାନ୍ତାଳୀ

International Journal of Humanities Social Science and Management (IJHSSM)
Volume 6, Issue 1, Jan.-Feb., 2026, pp: 546-558 ISSN: 3048-6874
www.ijhssm.org

ମାନେଉପବାସ କରିଥାନ୍ତି। ଦ୍ୱିତୀୟ ଦିନ ଦିନ ଘରଦ୍ୱାର ଲିପାପୋଛା ହେବା ପରେ ପଞ୍ଚ ଦେବତାଙ୍କୁ ପୂଜା କରିଥାନ୍ତି। ଗ୍ରାମ ଦେବତୀଙ୍କ ନିକଟରେ କୁକୁଡ଼ା, ମେଣ୍ଢା, ଛେଳି, ପୋଢ଼ ଆଦି ବଳି ଦେଇଥାନ୍ତି। ବଳି ମାଂସକୁ ପୁରୁଷମାନେ ରାନ୍ଧିକି ମଦସହ ଖାଇଥାନ୍ତି। ପୂଜା ଶେଷରେ ସନ୍ଧ୍ୟା ବେଳକୁ ଗ୍ରାମର ଯୁବକ ଯୁବତୀମାନେ ଅତି ଆନନ୍ଦ ସହକାରେ ନୃତ୍ୟ ଗୀତରେ ଭୋଳ ହୋଇଥାଆନ୍ତି। ସେମାନେ ରାତ୍ରି ସାରା ଏହିପରି ନୃତ୍ୟ ଗୀତରେ ହିଁ କଟାଇଥାନ୍ତି।

**୯.ଜାନ୍ତାଳ ପର୍ବ:**

ମୟୂରଭଞ୍ଜର ବିଭିନ୍ନ ସ୍ଥାନରେ ଏହି ଜାନ୍ତାଳ ପର୍ବର ପାଳନ କରିଥାନ୍ତି। ମୟୂରଭଞ୍ଜର ବାମନଘାଟିର ରତପାଟ, ବାଙ୍ଗାପାଟ, ପାକଣା ପାଟ, ଲଛମ ପାଟ ଆଦି ଅଂଚଳରେ ଏହି ପର୍ବ ପାଳନ କରିଥାନ୍ତି। କୃଷି ଓ ପଶୁ ସମ୍ପଦର ଅଭିବୃଦ୍ଧି ଏବଂ ସୁରକ୍ଷା ନିମନ୍ତେ ପ୍ରତିବର୍ଷ ଭାଦ୍ରବ ମାସର ଯେ କୌଣସି ସମୟରେ ପାଳନ କରିଥାନ୍ତି ଦିନ ଧାର୍ଯ୍ୟ କରି। 'ଜାନ୍ତାଳ' ଶବ୍ଦଟି ଜନ୍ତୁଆଳ ଅର୍ଥାତ୍ ଜୀବଜନ୍ତୁଙ୍କ ପାଳନକର୍ତ୍ତା ପାହାଡ଼ ଠାକୁରଙ୍କ ନାମାନୁସାରେ ସୃଷ୍ଟି ହୋଇଛି ବୋଲି ବିଶ୍ୱାସ କରାଯାଏ।

ରାଇରଙ୍ଗପୁର ଉପଖଣ୍ଡର ଅନତିଦୂରରେ ଅବସ୍ଥିତ ଜାମଦା ବ୍ଲକର ପାକଣା ପାଟରେ ପ୍ରତିବର୍ଷ ସବୁଠାରୁ ବଡ଼ ଜାନ୍ତାଳ ପର୍ବ ପାଳନ କରିଥାନ୍ତି। ଏହିଠାରେ ଭାଦ୍ରବ ମାସର ସୁନିଆ ଦିନ ପଶୁସମ୍ପଦ, କୃଷି ଅଭିବୃଦ୍ଧି ଏବଂ ପାରିବାରିକ ମଙ୍ଗଳ କାମନା କରି ଏହି ପର୍ବ ପାଳନ କରିଥାନ୍ତି। ଏହି ଅବସରରେ ଛେଳି, ମେଣ୍ଢା ଠାରୁ ଆରମ୍ଭ କରି ମଇଁଷି ପର୍ଯ୍ୟନ୍ତ ବଳି ଦେଇଥାନ୍ତି। ପୂଜକଙ୍କ ଘରେ ଥିବା ପଥର ମୂର୍ତ୍ତିକୁ ପାହାଡ଼ର ଗୁମ୍ଫାମଧ୍ୟକୁ ନିଆଯାଇ ଥାଏ ଏବଂ ସେଠାରେ ପୂଜା ପରେ ପୁଣିଥରେ ପୂଜକ ନିଜ ଘରକୁ ଏହି ମୂର୍ତ୍ତିକୁ ନେଇଯାଏ।

**୧୦.ସାକାରତ୍ ପର୍ବ:**

ସାକରାତ ପର୍ବକୁ ସାଧାରଣତଃ ମୟୂରଭଂଜର ସାନ୍ତାଳୀ ସମ୍ପ୍ରଦାୟର ଲୋକମାନେ ପାଳନ କରିଥାନ୍ତି। ଆମ ଓଡ଼ିଆ ମାନଙ୍କର ଯେପରି ମକର ପର୍ବ ତାର ଅନୁରୂପ ହେଉଛି ସାକରାତ ପର୍ବ ଏହି ପର୍ବକୁ ଧନୀ ଦରିଦ୍ର ନିର୍ବିଶେଷରେ ସମସ୍ତେ ପାଳନ କରିଥାନ୍ତି। ଏହି ପର୍ବ ତିନି ଦିନ ଧରି ପାଳନ ହୋଇଥାଏ। ସାନ୍ତାଳୀମାନେ ଏହି ପର୍ବର ପ୍ରଥମ ଦିନକୁ ବାଉଣ୍ଡି କହନ୍ତି ବାଉଣ୍ଡି ଦିନ ସମସ୍ତଙ୍କ ଘରେ ମାଛ ମାଂସ ଆଦି ରୋଷେଇ ହୋଇଥାଏ। ଏହି ବାଉଣ୍ଡି ଦିନ ଗ୍ରାମର ପ୍ରତ୍ୟେକ ଘରେ ମା ମାନେ ହିଁ ତରକାରୀ କରିବାର ବିଧି ରହିଛି। ଏହାର ପରବର୍ତ୍ତୀ ଦିନ ଭୋର ସକାଳୁ ନଦୀକୂଳରେ ବା ପୋଖରୀ ହୁଡ଼ାରେ କାଠ ଜାଳନ୍ତି ଏହାକୁ ସାନ୍ତାଳୀ ସମ୍ପ୍ରଦାୟର ଲୋକମାନେ ବୁଢ଼ୀକୁମ୍ଭ କହନ୍ତି। ଏହାପରେ ସେମାନେ ଗାଧେଇକି ନୂଆ କପଡ଼ା ପିନ୍ଧି ଥାଆନ୍ତି। ମକର ସଂକ୍ରାନ୍ତି ଦିନ ପ୍ରତ୍ୟୁଷରୁ ସୁସ୍ୱାଦୁ ପିଠା ସବୁ ତିଆରି କରିଥାନ୍ତି। ଯଥା - ଜିଲ ପିଠା (ମାଂସପିଠା), ଲେଟ, ଆରିସା ପିଠା ଇତ୍ୟାଦି। ଏହାପରେ ଘରର ମୁଖିଆ ତାଙ୍କର ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ମଦ ମାଂସ ପୂଜା କରିଥାନ୍ତି। ସେହି ଦିନ ସନ୍ଧ୍ୟାରେ ଲାଖବିନ୍ଧା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ।ଏହି ପର୍ବର ପରେ ନୃତ୍ୟ ଗୀତଆଦିର ଆୟୋଜନ କରିଥାନ୍ତି। ସେହି ନୃତ୍ୟ ଓ ସଙ୍ଗୀତ କୁ ମାଙ୍କଡ ନୃତ୍ୟ କହିଥାନ୍ତି।

**୧୧.ମାଘେ ପରବ:**

ମୟୂରଭଞ୍ଜ ଜିଲ୍ଲାର ମୁଣ୍ଡା ଓ କୋହ୍ଲ ସଂପ୍ରଦାୟର ଆଦିବାସୀ ମାନଙ୍କର ଅନ୍ୟତମ ଲୋକପ୍ରିୟ ପର୍ବହେଉଛି ମଘେ ପରବ। ମାଘ ମାସରେ ଏହି ପର୍ବକୁ ପାଳନ କରୁଥିବାରୁ ଏହାକୁ ମାଘେ ପରବ କହନ୍ତି। ଏହି ପର୍ବ ୭ଦିନ ଧରି ପାଳନ କରାଯାଏ। ମାଘେ ପରବର ପ୍ରଥମ ଦିନକୁ ଗାଉମା ହାରା କହନ୍ତି । ଏହି ଦିନ କୋହ୍ଲ ରମଣୀମାନେ ନିଜ ନିଜ ଘରକୁ ଲିପା ପୋଛା କରି ଘରର କାଛକୁ ନାଲି, ଧଳା, ହଳଦିଆ ଆଦି ରଙ୍ଗର ମାଟିରେ ରଙ୍ଗ ଦେଇ ବିଭିନ୍ନ ଚିତ୍ର ଅଙ୍କନ କରିଥାନ୍ତି। ସମସ୍ତେ ନୂଆ ଲୁଗା ପରିଧାନ କରିଥାନ୍ତି। ଠାକୁରାଣୀଶାଳକୁ ଲିପା ପୋଛା କରି ସେଠାର ମାରାଙ୍ଗ ବୁରୁ ଅନ୍ୟ ଦେବତାଙ୍କୁ ଦିଆଙ୍ଗ (ମଦ) ଭଗ ଲାଗି ହୋଇଥାଏ। ସାତଦିନ ସାତରାତି ଅଖଣ୍ଡ ଉତ୍ସବ ଅନୁଷ୍ଠିତ ହୋଇଥାଏ।

ଏହି ପର୍ବ ଅବସରରେ କୋହ୍ଲ ମାନେ ସାତଦିନ ବ୍ୟାପୀ ଗୀତ ଗାଇ ଗାଇ ଗ୍ରାମ ପରିକ୍ରମା କରନ୍ତି। ଧୁମ୍- ସା , ନାଗରା, ମାଦଲ, କେନ୍ଦରା ଆଦି ବାଜା ବଜାଇ ଗୀତ ଗାଇ ମତୁଆଲା ହେଇଉଠନ୍ତି। ଏହି ପର୍ବ ଆରମ୍ଭରେ ଯୁବକ ଯୁବତୀମାନେ ଗୀତ ଗାଇବା ଆରମ୍ଭ ମଙ୍ଗଳା ଚରଣରୁ କରିଥାନ୍ତି। ଏହା ପରେ ଆସର ଜମି ଥାଏ। କ୍ରମେ ରାତି ପାହି ଯାଏ। ଏହାପରେ ମାଘେ ପରବର ଦ୍ୱିତୀୟ ଦିବସ ଆରମ୍ଭ ହୁଏ ଝିଲ୍ଲୀ। ଗ୍ରାମର ଗୋଟିଏ ମୁଣ୍ଡକୁ ଲିପା ପୋଛା କରି ବେଦୀ ତିଆରି କରି ତା' ଉପରେ ବିରି ଚାଉଳ ଘୋଡ଼େଇ ଜାମୁପତ୍ର ଠୋଲାରେ ହାଣ୍ଡିଆ ଭୋଗ ଅର୍ପଣ କରାଯାଏ। ମାଘେ ପରବର ତୃତୀୟ ଦିନକୁ ଗୁରି ବା ମାଘେ ବଂଗା କହନ୍ତି। ଏହି ଦିନ ପ୍ରକୃତରେ ଉତ୍ସବ ପାଳନ କରାଯାଇଥାଏ। ବନ୍ଧୁ ବାନ୍ଧବ ମାନେ ଆସି ଏକତ୍ରିତ ହୋଇଥାନ୍ତି। ଗାଁଟି ଏହି ଦିନ ଉତ୍ସବ ମୁଖର ହୋଇ ଉଠିଥାଏ। ମାଘେ ପରବର ୪ର୍ଥ ଦିନ ସାପାକିଓ ୫ମ ଦିନ ରିତରାଓା ଓ ୬ଷ୍ଠ ଦିନକୁ ବାଘେୟା କହନ୍ତି।

**୧୨.ଧାନବୁଣା ପର୍ବ (ଏର ମିସ୍):**

ଏହି ପର୍ବ ସାଧାରଣତଃ ସାନ୍ତାଳୀ, ମହାଲୀ, ଭୂମିଜ୍, ଲୋଧା ସଂପ୍ରଦାୟର ଲୋକମାନେ ପାଳନ କରିଥାନ୍ତି। ଅକ୍ଷୟ ତୃତୀୟା ତିଥିରେ ମାଟି ମାଆକୁ ଧୂପଦୀପ ନୈବେଦ୍ୟ ଓ ବଳି ଦେଇ ଧାନ ବୁଣା ଆରମ୍ଭ ହୁଏ। ଏହି ପର୍ବରେ ଦେହୁରୀ ପୂଜା କରିଥାନ୍ତି। ଅରୁଆ ଚାଉଳ,ଫୁଲ,ସିନ୍ଦୁର ସହିତ କଳା ରଙ୍ଗର କୁକୁଡ଼ା ବଳି ଦେଇଥାନ୍ତି। ଭଲ ବର୍ଷା, ଭଲଫସଲ, ନିରୋଗ ଜୀବନଓ ଶାନ୍ତି ସମୃଦ୍ଧି ଉଦ୍ଦେଶ୍ୟରେ ପାର୍ଥନା କରେ। ପ୍ରସାଦ ସେବନ, ନାଚ, ଗୀତ ବାଦ୍ୟରେ ପର୍ବ ଅତ୍ୟନ୍ତ ଉପଭୋଗ୍ୟ ହୁଏ।

**୧୩.ନବାଙ୍କୁର ଖେତପୂଜା ପର୍ବ:**

ଧାନ ବୁଣା ପର୍ବ ଭଳି ଏହା ଏକ କୃଷି ଭିତ୍ତିକ ପର୍ବ। ବିହନ ବୁଣା ଯିବାର କିଛିଦିନ ପରେ ଏହା ପାଳିତ ହୋଇ ଥାଏ। ଖେତ ସବୁଜ ଅଙ୍କୁରରେ ଛାଇଯାଇଥିବା ଦେଖି ଚାଷୀର ମନରେ ଆନନ୍ଦର ସୀମା ରହେନାହିଁ। ଭବିଷ୍ୟତର ସୁନା ଫସଲର ସେ ଭାବବିହ୍ବଳ ହୋଇଉଠେ। ସେ ଧରିତ୍ରୀ ମାଙ୍କୁ ଭକ୍ତି ପୂତ କୃତଜ୍ଞତା ଜଣାଇବା ଉଦ୍ଦେଶ୍ୟରେ ଏ ପର୍ବ ପାଳନ କରେ।

ବଳି, ଅରୁଆ ଚାଉଳ, ପୁଷ୍ପ, ସିନ୍ଦୂର ଦେଇ ଆବାହନି ସଙ୍ଗୀତ ଗାନ କରାଯାଏ। ମାତ୍ର ଏହି ପର୍ବରେ ନାରୀ ମାନଙ୍କୁ ଅଂଶ ଗ୍ରହଣ କରିବାର ସୁଯୋଗ ମିଳିନଥାଏ। ନାଚ, ଗୀତ ଓ ବାଦ୍ୟ ଏ ପର୍ବକୁ ଅତ୍ୟନ୍ତ ସରଳ ଓ ଉପଭୋଗ୍ୟ କରିଥାଏ।

International Journal of Humanities Social Science and Management (IJHSSM)
Volume 6, Issue 1, Jan.-Feb., 2026, pp: 546-558 ISSN: 3048-6874
www.ijhssm.org

**୩.ଲୋକ ଦେବଦେବୀଙ୍କ ପ୍ରତି ଲୋକ ସମାଜର ଆସ୍ଥା ଓ ବିଶ୍ୱାସ:**

ଲୋକ ମନରେ ଥିବ ବିଶ୍ୱାସରୁ ହିଁ ଲୋକଦେବତାର ସୃଷ୍ଟି । ଲୋକ ଯେହେତୁ ସମାଜରେ ବସବାସ କରିଥାଏ ଲୋକ ମଧ ଏହି ସମାଜରେ। ମଣିଷ ପଶ୍ଚାତରେ ଥିବ ଅଲୌକିକ ଈଶ୍ୱରୀୟ ଶକ୍ତି ହିଁ ଦେବତା ଭାବରେ ବିଶ୍ୱାସ କରିବା ହିଁ ହେଉଛି ଆଧାତ୍ମିକତା । ଲୋକଦେବତାଙ୍କୁ ନେଇ ଦୃଢ଼ ବିଶ୍ୱାସ କରାଯାଏ। ଦେବତା ଅଲୌକିକ ଅଦୃଶ୍ୟ ହୋଇଥିଲେ ସୁଦ୍ଧା ତାଙ୍କୁ କୌଣସି ଏକ ପ୍ରତୀକ ମଧରେ ଆବାହନ କରି ଦେବତାଙ୍କର ରୂପ ପ୍ରଦାନ କରିଥାଏ। କାଷ୍ଠ,ପ୍ରସ୍ତର,ବୃକ୍ଷ, ପାହାଡ଼, ଲୌହସ୍ତମ୍ଭ ଯାହା ହେଉନା କାହିଁକି ଦେବତାଙ୍କୁ ସେହି ରୂପରେ ହିଁ ପୂଜା କରିଥାଏ। ସମାଜରେ ଲୋକଦେବତାଙ୍କ ଆଧାତ୍ମିକ ପରମ୍ପରାରେ ଲୋକସମାଜର ଆସ୍ଥା ଓ ବିଶ୍ୱାସ ଦୃଢ ହୋଇଥାଏ। ସମାଜରେ ବିଶୃଙ୍ଖଳା ଦେଖା ଦେଇନଥାଏ। ଲୋକସମାଜର ଅଭିଭାବକ ରୂପ ଦେବତାଙ୍କୁ ଗ୍ରହଣ କରୁଥିବାରୁ ଲୋକଦେବତାଙ୍କର ଭୟରେ କୁକର୍ମ କରିବାରୁ ପଛଘୁଞ୍ଚା ଦେଇଥାଏ। ଭଲକାମ କଲେ ସୁଫଳ ଓ କୁକର୍ମ କଲେ ଖରାପ ଫଳ ଲୋକଦେବତା ପ୍ରଦାନ କରିଥାଏ ବୋଲି ଲୋକବିଶ୍ୱାସ ରହିଛି। ଏହି ବିଶ୍ୱାସ ଫଳରେ ହିଁ ଲୋକମାନେ ସଦାସର୍ବଦା ଭଲ କାମ କରିବାପାଇଁ ପ୍ରୟାସ କରିଥାନ୍ତି।

ମୟୂରଭଞ୍ଜର ଲୋକମାନେ ତାଙ୍କର ଲୋକଦେବତାଙ୍କୁ ତାଙ୍କ ପରିବାରର ଏକ ସଦସ୍ୟ ରୂପରେ ଗ୍ରହଣ କରିଥାନ୍ତି। ସେଥିପାଇଁ ସେ ଯାହା ଖାଏ, ଦେବତାଙ୍କୁ ମଧ ଖୁଆଇଥାଏ। ସେ ଯାହା ପିନ୍ଧେ ଦେବତାଙ୍କୁ ପିନ୍ଧାଇଥାଏ। ଦୈନନ୍ଦିନ ଜୀବନରେ ସେ ଯାହା ସବୁ କର୍ମ କରିଥାଏ ଦେବତାଙ୍କର ସେହି କାର୍ଯ୍ୟ ସବୁ କରିଥାଏ।

ଲୋକଦେବ୍ତାଙ୍କର ପୂଜାପାର୍ବଣ , ଯାନିଯାତ୍ରା ଏହି ଲୋକମାନଙ୍କ ଦ୍ୱାରା ହିଁ ଆୟୋଜିତ ହୋଇଥାଏ। ଏଥିପାଇଁ ରହିଥାଏ ଲୋକଦେବତାଙ୍କ ପ୍ରତି ଗଭୀର ଆସ୍ଥା ଓ ବିଶ୍ୱାସ। ମୟୂରଭଞ୍ଜର ଅଧିବାସୀମାନେ ବିଶ୍ୱାସ କରନ୍ତି ଯେ ଲୋକଦେବତାଙ୍କର ଏହିସବୁ ପୂଜାପାର୍ବଣ ଗୁଡିକ ପାଳନ କଲେ ଲୋକସମାଜରେ ଶାନ୍ତି ସ୍ଥାପନ ହେବ। ଲୋକଦେବତା ତାଙ୍କ ପ୍ରତି ପ୍ରୀତ ହେବ। ଲୋକଦେବତା ଏହା ଫଳରେ ତାଙ୍କ ସମାଜ ଜାତିପ୍ରତି ଅଶେଷ କରୁଣା ବର୍ଷା କରିବେ। ବାହ୍ୟ କୌଣସି ଅନିଷ୍ଟକାରୀ ଶକ୍ତି ତାଙ୍କୁ କବଳିତ କରିପାରିବ ନାହିଁ। ଗ୍ରାମରେ ସୁଖ , ଶାନ୍ତି ସମୃଦ୍ଧି ବଜାଇରହିବ। ଗ୍ରାମକୁ ବାହ୍ୟଜନ୍ତୁଙ୍କ ଠାରୁ ମୁକ୍ତ ହେବା ସହିତ ଅପଦେବତାଙ୍କର କବଳରୁ ମଧ ରକ୍ଷା କରିବ। ଏଥିପାଇଁ ମୟୂରଭଞ୍ଜର ଅଧିବାସୀଗଣ ଲୋକଦେବତାଙ୍କର ପ୍ରୀତି ଉଦ୍ଦେଶ୍ୟରେ ବହୁ ପର୍ବପର୍ବାଣି ପାଳନ କରିଥାନ୍ତି। ଯେପରିକି ଆଦିବାସୀ ସମାଜରେ ବର୍ଷର ବିଭିନ୍ନ ସମୟରେ ପାଖାପାଖି ୧୭ଟି ପର୍ବପର୍ବାଣି ପାଳନ କରିଥାନ୍ତି। ଯଥା - ମାଗେ ପୂଜା,ଅକ୍ଷିମୁଠି ବା ଧାନବୁଣାପୂଜା,ସିମବଙ୍ଗା,ମାମଣେ,ଆଷାଢୀବଙ୍ଗା,ବୁରୁବଙ୍ଗା ,ସୋହରାୟ ପୂଜା (କାଳୀପୂଜା), ଗିଡିତରା,କାଳେ ଚାରିଆର ନିମ୍-ଡାହାର, ବାସ୍ଲାହାଣ୍ଡି ବଙ୍ଗା,ପେଳାକଳା ହାଣ୍ଡିଭଙ୍ଗା, କୁଳିବିଦା,ନାହାନ ଓ ଭାଣ୍ଡାନ୍ ପ୍ରଭୃତି। ଏସବୁ ମୂଳରେ ରହିଛି ତାଙ୍କର ଲୋକଦେବତାଙ୍କର ପ୍ରତି ଆଧାତ୍ମିକ ବିଶ୍ୱାସ ସେମାନେ ଏମାନଙ୍କର ଲୋକଦେବତା ଉଦ୍ଦେଶ୍ୟରେ ବଳି ଦେଇଥାନ୍ତି; ଯଥା:-ଛେଳି,ମେଣ୍ଢା,ପୋଢ,କୁକୁଡା,ବତକ,ପାରା, ଘୁଷୁରୀ ପ୍ରଭୃତି। ଏହା ସହିତ ମଦ୍ୟ ଓ ହାଣ୍ଡିଆ ଆଦି ଲୋକଦେବତାଙ୍କ ପାଖରେ ଢାଳି ନିଜ ଦେବତାଙ୍କୁ ଭକ୍ତି ନୈବେଦ୍ୟ ଦେଇଥାନ୍ତି। ମୟୂରଭଞ୍ଜରେ ଅଧିବାସୀଗଣ ଗୁଣିଗାରେଡି ଆଦିରେ ମଧ ବିଶ୍ୱାସ କରନ୍ତି। ଏହା ବିଶେଷକରି ଆଦିବାସୀ ସମାଜରେ (ସାନ୍ତାଳ,ମୁଣ୍ଡା,ହୋ ପ୍ରଭୃତି)। ଆଦିବାସୀମାନେ ବିଶ୍ୱାସ କରନ୍ତି ଯେ ଫସଲହାନି, ଗାଁର ରୋଗ ବୈରାଗ୍ୟ, ଶାନ୍ତି ଶୃଙ୍ଖଳା, ପୂର୍ବପୁରୁଷଙ୍କର ପୂଜାପଦ୍ଧତି ଓ ଅପଦେବତାମାନଙ୍କ କବଳରୁ ରକ୍ଷା ପାଇବା ନିମିତ୍ତ ବିଭିନ୍ନ ପ୍ରକାର ଯାଦୁବିଦ୍ୟା ଓ ଗୁଣିଗାରେଡିର ଆଶ୍ରୟ ନେଇଥାନ୍ତି।

ଦେଶରେ ଯେତେବେଳେ ଅନାବୃଷ୍ଟିର କରାଳଛାୟା ଦେଖାଯାଏ ଫସଲହାନିର ହତାଶା ମନରେ ବୈରାଗ୍ୟ ସୃଷ୍ଟି କରେ ଯେତେବେଳେ ସେମାନେ ବିଭିନ୍ନ ଦେବାଦେବୀଙ୍କୁ ଆବାହନ କରନ୍ତି। ଅନାବୃଷ୍ଟିରୁ ରକ୍ଷା ପାଇବାପାଇଁ ସେମାନେ ବିଭିନ୍ନ ଗାଁରୁ ଚାନ୍ଦାଭେଦା ଉଠାନ୍ତି। ତହିଁରେ ସେମାନେ ସୀମାବୋଙ୍ଗା ପୂଜା କରନ୍ତି । ଦୋଳେ ଲୋକ କାଳିସୀ ପଢନ୍ତି। ସେମାନଙ୍କ ଦେହରେ ଦେବତା ବିଶ୍ରାମ କରନ୍ତି। ସେମାନେ ଦେବତାଙ୍କର କଥା ପ୍ରକାଶ କରନ୍ତି। ଏ ଦୁର୍ଦ୍ଦିନରେ କିପରି ରକ୍ଷା ପାଇବେ ତାହାର ଉପାୟ ତାଙ୍କଠାରୁ ଶୁଣନ୍ତି। ସୀମାବୋଙ୍ଗା ଏହି କାଳିସୀ ମୁଖରେ ଭବିଷ୍ୟବାଣୀ ପ୍ରକାଶ କରନ୍ତି। ଏହାପରେ ଶୁଷ୍କ ଧରଣୀରେ ବାରିପାତ ହୁଏ। ଧରଣୀ ଶସ୍ୟଶ୍ୟାମଳା ହୁଅନ୍ତି। ଦେବତାଙ୍କର ମାନସିକ ରକ୍ଷା ପୂର୍ବକ ବିଭିନ୍ନ ପ୍ରକାର ବଳି ଦେଇ ତାଙ୍କୁ ସନ୍ତୁଷ୍ଟ କରନ୍ତି।

ମୟୂରଭଞ୍ଜର ଅଧିବାସୀଙ୍କର କେବଳ ଏତିକି ଧର୍ମବିଶ୍ୱାସ ନୁହେଁ ତାଙ୍କର ଆରାଧ ଦେବତାଙ୍କ ନିକଟରେ ଗଭୀର ଆସ୍ଥା ମଧ ରହିଥିବାର ଜଣାଯାଏ। ଲୋକମାନେ ଯେତେବେଳେ ବିଭିନ୍ନ ରୋଗରେ ପୀଡିତ ହୁଅନ୍ତି ସେତେବେଳେ ଆଦିବାସୀମାନେ ବିଶ୍ୱାସ କରନ୍ତି ଯେ ଅପଦେବତାଙ୍କର କ୍ରୋଧ ସେମାନଙ୍କ ଉପରେ ପଡିଛି। ସେମାନେ ଅସନ୍ତୁଷ୍ଟ ହୋଇଅଛନ୍ତି। ତେଣୁ ତାଙ୍କର ସ୍ୱାସ୍ଥ୍ୟହାନୀ ହୋଇଛି ଏବଂ ତାଙ୍କୁ ବିଭିନ୍ନ ରୋଗ ବୈରାଗ୍ୟ ଦେଖାଦେଇଛି। ସେମାନେ ବିଶ୍ୱାସ କରନ୍ତି ଯେ ବସନ୍ତ, ମହାମାରୀ ଆଦି ଠାକୁରାଣୀ ହିନ୍ଦୁମାନଙ୍କର ଇଷ୍ଟଦେବାଦେବୀ କାଳୀ ଭଳି, ଗ୍ରାମପଟ ବିଷମ ଠାକୁରାଣୀ ଅସନ୍ତୁଷ୍ଟ ହୋଇଅଛନ୍ତି।କାଳୀ ଅସନ୍ତୁଷ୍ଟହେଲେ ଯେପରି ପୃଥିବୀ ଧ୍ୱଂସର ଲୀଳା ସଂଘଠିତ ହୁଏ ଶ୍ମଶାନଯାକ ମୁଣ୍ଡମାଳରେ ପୂରିଯାଏ ସେହିପରି ଭକ୍ତ ଅପଦେବତାର ପ୍ରକୋପରେ ଗାଁ- ଟା ଯାକ ଶ୍ମଶାନରେ ପରିଣତ ହେବ। ଏହି ଭୟରେ ଗ୍ରାମର ଆବାଳବୃଦ୍ଧବନିତା ନିଜ ଇଷ୍ଟଦେବ ତଥା ମାରାଂବୁରୁ ପାଖରେ ସ୍ତୁତି କରିବାପାଇଁ ଜାହେର ସ୍ଥାନକୁ ଯାଇଥାନ୍ତି।

ଆଦିବାସୀମାନେ ବିଶ୍ୱାସ କରନ୍ତି ଯେ ଡାହାଣୀ ମାନଙ୍କର ପ୍ରଭାବରେ ହେତୁ ଗାଁରେ ମଡକ ମହାମାରୀ ଓ ମଣିଷର ମୃତ୍ୟୁ ସଙ୍ଗୀତ ହୁଏ। ତେଣୁ ଡାହାଣୀ ବିଦ୍ୟାର ଅଧିଷ୍ଠାତ୍ରୀ ଦେବୀମାନଙ୍କୁ ସାନ୍ତାଳମାନେ ଆନନ୍ଦିତ ହୁଅନ୍ତି।

ଧରାବକ୍ଷରେ ଅମୃତମୟୀ ବାରିପାତ ନିମନ୍ତେ ଯେପରି

ବର୍ଷା ବନ୍ଦନା ଗାଇ ଇନ୍ଦ୍ରଦେବତାଙ୍କୁ ଆହ୍ୱାନ କରନ୍ତି। ସେହିପରି ଉପଯୁକ୍ତ ଅପଦେବତାମାନଙ୍କୁ ଆହ୍ୱାନ ଓ ପୂଜା କରି ଆଦିବାସୀମାନେ ଆନନ୍ଦିତ ହୁଅନ୍ତି। ଯଦି ଆଦିବାସୀ ପରିବାରରେ କୌଣସି ବ୍ୟକ୍ତି ରୋଗରେ ପୀଡିତ ହୁଏ ସେତେବେଳେ ପରିବାରର ମାଲିକ ରୋକ୍ ବୋଙ୍ଗାକୁ ଆହ୍ୱାନ କରି ପୂଜାର୍ଚ୍ଚନା କରିଥାଆନ୍ତି। ପ୍ରାରମ୍ଭରେ କେତେଜଣ ବ୍ୟକ୍ତି ଗୃହ ଦେବତାଙ୍କର କାଳିସୀରୂପରେ କାମ କରନ୍ତି। କାଳିସୀ ମୁଖରେ ଦେବତାଙ୍କର ଭବିଷ୍ୟବାଣୀ ହୁଏ। ଗୃହର ମାଲିକ ପଚାରେ ହେ ଦେବୀ ତୁମେ କିଏ? ପାହାଡି ଦେବତା ଏଠାକୁ ଆସିଅଛି? ତୁମେ କେଉଁ ଦେବତା? ମୁଁ କରୁଣ ନିବେଦନ କରି ଜଣାଉଛି ଯେ ତୁମେ କିଏ ସତ୍ୟ କରି କୁହ। ମୁଁ ତୁମପାଇଁ କାଷ୍ଠାସନ ବା ଲୌହର ଆସନଦେବୀ।

ମୟୁରଭଞ୍ଜ ଲୋକସମାଜରେ ଆଉ ଏକ ଲୋକବିଶ୍ୱାସ ରହିଛି ମନ୍ଦନଜର। ଏହା ସାଧାରଣତଃ ସ୍ତ୍ରୀ ଲୋକମାନଙ୍କ ଦ୍ୱାରା କ୍ଷତି ହୁଏ ବୋଲି ବିଶ୍ୱାସ ରହିଛି। କେତେକ ପୁରୁଷ ଲୋକଙ୍କର ମନ୍ଦଛାଇ ଉପରେ ଅଧିକାର ଥାଏ।ଏହି ଅଶୁଭ ଛାଇ କୌଣସି ସାପ ଉପରେ ପଡିଲେ ମଧ ସେ ଇଞ୍ଚେ ଘୁଞ୍ଚି ପାରେନାହିଁ। କୌଣସି ପିଲା ଉପରେ ଯଦି କୌଣସି ନାରୀର ମନ୍ଦନଜର ପଡେ, ତା'ହେଲେ ସେ ବାନ୍ତି କରେ ବା ତା'ର ଝାଡା କିମ୍ବା ଜ୍ୱର ହୁଏ। ନତୁଜ ଖାଲି କାନ୍ଦେ। ଏଥିପାଇଁ ପିଲାଙ୍କ ପାଇଁ ଭେଲାଗଛର ମଲାଙ୍ଗରେ ରକ୍ଷକବଚ କିମ୍ବା କିଛି ସୋରିଷକୁ ମନ୍ତ୍ରସିଦ୍ଧ କରି ଏକ ଛୋଟକନାରେ ଅଣ୍ଟାସୂତାରେ କିମ୍ବା ବେକରେ ପିନ୍ଧନ୍ତି।ଅତି ସାଂଘାତିକ ଘଟଣାରେ ଓଝା(ଗୁଣିଆ) ଡକାଯାଏ। ସେ ମନ୍ତ୍ର ପଢି ବିଷଦୃଷ୍ଟି ବା ବିଷାକ୍ତ ଛାୟାର ପ୍ରଭାବରେ ଦୂର କରାନ୍ତି।

**ମୟୂରଭଞ୍ଜ ଜିଲ୍ଲାର ଲୋକଦେବଦେବୀଙ୍କ ବିବିଧତା ଓ ବିଶେଷତ୍ୱ :**

ଲୋକ ଦେବତା ବେଦ ପୁରାଣ ଶାସ୍ତ୍ର ବହିର୍ଭୂତ ଦେବତା, ତାଙ୍କର ମନ୍ଦିର ଅଟ୍ଟାଳିକା ନାହିଁ। ଭାରତୀୟ ଦାରିଦ୍ର୍ୟର ମୂର୍ତ୍ତି ପ୍ରତୀକ ହୋଇ ମୁକ୍ତ ପ୍ରାନ୍ତରରେ ନଦୀ ବା ପୁଷ୍କରିଣୀ ତଟରେ, ବୃକ୍ଷ ମୂଳରେ ବା ରାସ୍ତା ଧାରାରେ ସେ ପଡିଥାନ୍ତି। କେନ୍ଦେଇ, ମଉନେଇ, ମାଉଲି, ଟରେଇ, ବାଉତୀ, ଜାଗୁଲେଇ, ବା ହେଙ୍ଗୁଲେଇ ନାମା କେଉଁ ଦେବୀଙ୍କ ଦେହରେ ଚୁଆ, ସିନ୍ଦୁରବୋଳା ହୋଇଥାଏ,ଖଣ୍ଡେ କଳାକନା ଗୁଡ଼ିଆ ହୋଇଥାଏ, ତାଙ୍କ ନିକଟରେ ପୁଞ୍ଜାଏ ଦି ପୁଞ୍ଜା ଭଙ୍ଗା ଦଦରା ମାଟି ଘଡା ଜମିଥାଆନ୍ତି , ଗ୍ରାମବାସୀଙ୍କ ମାନସିକରେ ତାଙ୍କର ସଂଖ୍ୟା ଦିନକୁ ଦିନ ବଢୁଥାଏ। କେଉଁଠାରେ ବା ଦେବୀଙ୍କର ମୂର୍ତ୍ତି ନାହିଁ, କାଳିସୀଙ୍କ ସ୍ୱପ୍ନ ନେଇ ପ୍ରକାଣ୍ଡ ଶିଳା ବା ବୃକ୍ଷ ମୂଳରେ ସେ ଅବତାରଣା କରନ୍ତି, ତାଙ୍କୁ ଚିହ୍ନେଇବା ଲାଗି କାଳିସୀ ଗୋଟିଏ ସ୍ଥାନରେ ସିନ୍ଦୁର ବୋଳି ରୂପା ପିତ୍ତଳର ଆଖି କାନ ଲଗାଇ ଦିଏ। ଭୋଗ ରାଗ ତ ଦୂରର କଥା, ପ୍ରତିଦିନ ତ ଗ୍ରାମ ଦେବତାଙ୍କୁ ଫୁଲ ପାଣି ଟୋପାଏ ବି ଜୁଟେ ନାହିଁ। ବିଭା ବ୍ରତରେ ଦିଅଁ ମଙ୍ଗୁଳିଗଲେ କିମ୍ବା ଗ୍ରାମରେ ରୋଗ ବ୍ୟାଧି ହେଲେ ତାଙ୍କର ପ୍ରାଙ୍ଗଣ ମୁଖରିତ ହୋଇ ଉଠେ, ମହାସମାରୋହରେ ଜାନ୍ତାଳ ହୁଏ, ନାମ ସଙ୍କୀର୍ତ୍ତନରେ ବେଢ଼ା ଉଛୁଳି ଉଠେ। ସେତେବେଳେ ଗ୍ରାମ ଦେବତା କାଳିସୀ ଦେହରେ ବିଜେ କରି ଗ୍ରାମର ଆଗତ ଭବିଷ୍ୟତ କଥା କହନ୍ତି। ପୂଜାଧୂଜାର ଅଭାବ ମହାମାରୀ ମଡ଼କ ,ବଢ଼ି , ମରୁଡ଼ିର ହେତୁ ବୋଲି ନିର୍ଣ୍ଣୀତ ହୁଏ । ଦିନାକେତେ ପୂଜା ଅର୍ଚ୍ଚନା ଧୁମଧାମରେ ଚାଲେ , ତାପର ଅବସ୍ଥା ଯଥା ପୂର୍ବଂ ତଥା ପରଂ | (ଦାଶକୁଞ୍ଜ ବିହାରୀ - ଓଡ଼ିଆ ଲୋକଗୀତଓ କାହାଣୀ, ପୃଷ୍ଠା-୩୩୧)

ବିଷ୍ଣୁ , ଇନ୍ଦ୍ର , ବରୁଣ , ରୁଦ୍ର , ପ୍ରଭୃତି ବୈଦିକ ଦେବତା ଉଚ୍ଚ ଶ୍ରେଣୀର ଆଭିଜାତ୍ୟର ପ୍ରତୀକ । ଷାଠିଏ ପୌଠି ଭୋଗ ଖାଇ ନଭଶ୍ଚୁମ୍ବୀ ମନ୍ଦିରରେ ରହିଥାନ୍ତି ।ସେ ଦେବତା ଓ ଜନତା ମଧରେ ବ୍ରାହ୍ମଣ ମଧସ୍ଥି । ସେଠି ସାଧାରଣ ମନୁଷ୍ୟର ସମସ୍ତ ବାସନା ଚରିତାର୍ଥ କରିବାରେ ତାଙ୍କ ପାରମ୍ପାରିକ ଦେବତ୍ୱରେ ବାଧା ଆସେ, ପ୍ରତିଷ୍ଠିତ ସମ୍ମାନରେ ଆଞ୍ଚ ଲାଗେ । ଦରିଦ୍ର ଧନ ଚାହେଁ , ଜଟିଳ ପରିସ୍ଥିତରେ ଲୋକେ ଦେବତାଙ୍କର ପରାମର୍ଶ ଚାହାନ୍ତି, ବିଷାକ୍ତ ସର୍ପ , ବ୍ୟାଘ୍ରାଦି ହିଂସ୍ର ଜନ୍ତୁ , ହଇଜା ବସନ୍ତ ଆଦି ରୋଗ, ଭୂତ ଚିରୁଗୁଣୀ ପ୍ରଭୃତି ପ୍ରେତାତ୍ମା ଏବଂ ଘୋର ଶତ୍ରୁ କବଳରୁ ଆତ୍ମରକ୍ଷା ଲାଗି ସେମାନେ ଅଭୟ କବଚ ଲୋଡନ୍ତି। ଲୋକ ଦେବତା ସମସ୍ତ ମନସ୍କାମନା ପୂର୍ଣ୍ଣ କରନ୍ତି, ତାଙ୍କର ଅବାରିତ ଦ୍ୱାର ସମସ୍ତଙ୍କ ଲାଗି ଉନ୍ମୁକ୍ତ। ସେ ମନୁଷ୍ୟର ଅସଂଖ୍ୟ ପ୍ରୟୋଜନର ସମାଧାନ, ତାର ଇଷ୍ଟ ସାଧନ ମାନଙ୍କର ଉଦ୍ଦିର୍ଷ୍ଟ। କାଷ୍ଠ,ପାଷାଣ, ପିଣ୍ଡ, ପଙ୍କ ଶାଖା ପ୍ରଶାଖାହୀନ ବୃକ୍ଷ ତାଙ୍କର ପ୍ରତୀକ। ମନୁଷ୍ୟତାକୁ ଜୀବନନ୍ୟାସ ଦିଏ, ଅଦ୍ଭୁତ ଶକ୍ତି ସମ୍ପନ୍ନ କରେ, ମନୁଷ୍ୟର ଶ୍ରଦ୍ଧା ଓ ଭକ୍ତିରେ ବଳୀୟାନ ହୋଇ ସେ ତାକୁ ବର ପ୍ରଦାନ କରିବାର ଶକ୍ତି ଲାଭ କରନ୍ତି।(ଦାଶକୁଞ୍ଜ ବିହାରୀ - ଓଡ଼ିଆ ଲୋକଗୀତଓ କାହାଣୀ, ପୃଷ୍ଠା-୩୩୨)

ମୟୂରଭଞ୍ଜ ଜିଲ୍ଲାର ଲୋକଦେବଦେବୀଙ୍କ ସମ୍ବନ୍ଧରେ ଯଦି କେତେକ ବିବିଧତା ଓ ବିଶେଷତ୍ୱ ପରିଲକ୍ଷିତ ହୋଇଥାଏ ତାହାକୁ ନିମ୍ନରେ ଅବତାରଣା କରାଗଲା -

୧. ମୟୂରଭଞ୍ଜ ଏକ ପ୍ରାଚୀନ କଳା ସଂସ୍କୃତି ଓ ଐତିହ୍ୟ ସମ୍ପନ୍ନ ଜିଲ୍ଲା ଭାବରେ ଓଡ଼ିଶାରେ ପରିଚିତ। ଏଥିରେ ବହୁ ଲୋକ ଦେବ ଦେବୀଙ୍କର ଆରାଧନା କରୁଥିବାର ଜଣାଯାଏ। ଏହି ଲୋକ ଦେବଦେବମାନେ ପୁରାଣ ବହିର୍ଭୂତ ଦେବଦେବୀ ଅଟନ୍ତି। ତାଙ୍କର ମନ୍ଦିର ନାହିଁ, ଖଞ୍ଜା ପଡ଼ା ନାହିଁ ଏମାନେ ମୁକ୍ତ ପ୍ରନ୍ତରରେ ନଦୀ ବା ପୁଷ୍କରିଣୀ ତଟରେ, ବୃକ୍ଷ ମୂଳରେ ବା ରାସ୍ତା କଡ଼ରେ ପଡିଥାନ୍ତି।

୨. ଲୋକ ଦେବଦେବୀଙ୍କର ଦେହରେ ଚୁଆ, ସିନ୍ଦୁର, ବୋଳା ହୋଇଥାଏ, ଖଣ୍ଡେ କଳାକନା ଗୁଡିଆ ହୋଇଥାଏ, ତାଙ୍କ ନିକଟରେ ପୁଞ୍ଜାଏ ଦିପୁଞ୍ଜା ଭଙ୍ଗା ଦଦରା ମାଟି ଘୋଡ଼ା ଜମିଥିବାର ପରିଦୃଷ୍ଟ ହୁଏ।

୩. ମୟୂରଭଞ୍ଜରେ ପରିଦୃଷ୍ଟ ହେଉଥିବା ଲୋକ ଦେବଦେବୀଙ୍କର କେଉଁଠାରେ ବି ଦେବି ମୂର୍ତ୍ତି ନାହିଁ, କୌଣସି ଦେବତାଙ୍କର ନିର୍ଦ୍ଦିଷ୍ଟ ସ୍ୱରୂପ ନାହିଁ , ଏମାନେ କାଳିସୀଙ୍କର ସ୍ୱପ୍ନାଦେଶ ଦେଇ ପ୍ରକାଣ୍ଡ ଶିଳା ବା ବୃକ୍ଷ ମୂଳରେ ଅବତାରଣା କରିଥିବାର ଜଣା ଯାଏ।

୪. ମୟୂରଭଞ୍ଜ ଜିଲ୍ଲାର ଲୋକ ଦେବଦେବୀ ଗୁଡ଼ିକ ସାଧାରତଃ ପ୍ରତୀକାତ୍ମକ ଭାବରେ ଗୃହୀତ। କାଷ୍ଠ, ପ୍ରସ୍ତର କିମ୍ବା ଧାତୁ ଦେବତାଙ୍କର ପ୍ରତୀକ ଭାବରେ ଗ୍ରହଣ କରାଯାଏ। ମାଟି ନିର୍ମିତ କୌଣସି ପ୍ରତୀକ ବା ମୂର୍ତ୍ତିର ବ୍ୟବହାର ପ୍ରାୟତଃ କମିଥାଏ। କରମା ଡାଳ ହିଁ କରମସାନୀ ପୂଜାବେଳେ ବ୍ୟବହୃତ

International Journal of Humanities Social Science and Management (IJHSSM)
Volume 6, Issue 1, Jan.-Feb., 2026, pp: 546-558 ISSN: 3048-6874
www.ijhssm.org

ହୋଇଥାଏ। ମାଟି ନିର୍ମିତ ଦେବୀ ଭାବରେ ' ଚୁସୁ' କୁ ଗ୍ରହଣ କରାଯାଏ ସେ ମୁଖ୍ୟତଃ କୁଡୁମି ସଂପ୍ରଦାୟର ଦେବୀ ଭାବରେ ପୂଜିତ।

୫. ମୟୂରଭଞ୍ଜ ଜିଲ୍ଲାର ଲୋକ ଦେବଦେବୀ ପ୍ରତୀକ ଭାବରେ ପ୍ରସ୍ତର ଖଣ୍ଡର ମଧ୍ୟ ବ୍ୟବହୃତ ହୋଇଥାଏ, ଏଗୁଡ଼ିକ ମୂର୍ତ୍ତି ନୁହନ୍ତି। ଆକାର ଦୃଷ୍ଟିରୁ ପ୍ରସ୍ତର ଗୁଡ଼ିକ ଗୋଲାକାର କିମ୍ବା ଦୀର୍ଘାକାର ଅଟେ। ସାଧାରଣତଃ ଶକ୍ତ ଓ ମସୃଣ ଖଣ୍ଡ ଏହି ଉଦ୍ଦେଶ୍ୟରେ ଚୟନ କରାଯାଇଥାଏ। ସଧାରଣ ପ୍ରସ୍ତର ଅପେକ୍ଷା ଏହା ସ୍ୱତନ୍ତ୍ର ଓ ଉନ୍ନତ ମନେହୋଇଥାଏ। ଏହି ଅଞ୍ଚଳର ପ୍ରାୟ ପ୍ରତ୍ୟେକ ଗ୍ରାମ ଦେବ ଦେବୀଙ୍କର ଆରାଧନା ପ୍ରସ୍ତର ସ୍ୱରୂପରେ ହିଁ ହୋଇଥାଏ।

୬. ଏଠାକାର ଲୋକ ଦେବତାମାନଙ୍କୁ ପ୍ରତିଦିନ ଭୋଗରାଗ, ଫୁଲ ଚନ୍ଦନ ଅର୍ପଣ କରାଯାଇନଥାଏ। ଲୋକ ଦେବଦେବୀମାନଙ୍କୁ କେବଳ ବିଶେଷ ପର୍ବପର୍ବାଣୀ, ପୂର୍ଣ୍ଣିମା ଅମାବାସ୍ୟା , ବିଭା ବ୍ରତ ଓ ଉତ୍ସବରେ ଦିଅଁ ମଙ୍ଗୁଳି ଗଲେ କିମ୍ବା ଗ୍ରାମରେ ରୋଗବ୍ୟାଧି ହେଲେ ତାଙ୍କ ପ୍ରାଙ୍ଗଣ ପରିଷ୍କୃତ ହୋଇ ଉତ୍ସବମୁଖର ହୋଇଉଠେ। ଏହାପରେ ମହାସମାରୋହରେ ଜାନ୍ତାଳ ହୁଏ, ନାମ ସଂକୀର୍ତ୍ତନରେ ବେଢ଼ା ଉଛୁଳି ଉଠେ।

୭. ଗ୍ରାମର ଦେବଦେବୀ ମାନେହିଁ ଗ୍ରାମର ସୃଷ୍ଟିକର୍ତ୍ତା ଭାବରେ ଲୋକଙ୍କ ଠାରୁ ପୂଜା ପାଇଥାନ୍ତି, ବିଭିନ୍ନ ଦୈବୀ ଦୁର୍ବିପାକ, ଭୋଗ ବୈରାଗ୍ୟରୁ ବାହ୍ୟ ଶତ୍ରୁ ତଥା ଭୂତ ପ୍ରେତଙ୍କ ଠାରୁ ଗ୍ରାମବାସୀଙ୍କୁ ରକ୍ଷା କରିଥାଆନ୍ତି।

୮. କୌଣସି ବ୍ୟକ୍ତବିଶେଷଙ୍କ ଜିନିଷ ଚୋରି ହେଲେ କିମ୍ବା କେହି ଅନିଷ୍ଟ କରିଥିଲେ ସେହି ବ୍ୟକ୍ତି ମାନସିକ କରି ବଳିଦେବାକୁ ମନସ୍ଥକରି ଦେବଦେବୀଙ୍କ ନିକଟରେ ପାଣି ଢ଼ାଳି ଥାଏ। ଏହାପରେ ପାଣିଧାର ସ୍ୱରୂପ ଦେବତାଙ୍କ ନିକଟରେ ନିଜେ ଯାହା ମାନସିକ କରିଥାଏ ତାହା ଦେବତାଙ୍କୁ ପ୍ରଦାନ କରିଥାନ୍ତି ଭକ୍ତିର ଅର୍ଘ୍ୟ ସ୍ୱରୂପ। ଦେବତାମଧ ଉକ୍ତ ଦୋଷୀଙ୍କୁ ଦଣ୍ଡ ପ୍ରଦାନ କରିଥାନ୍ତି। ଏହି ସବୁ ଲୋକବିଶ୍ୱାସ ରହିଛି। ଏଥି ପାଇଁ ଲୋକ ମାନେ ବହୁ ଦୂର ଦୁରାନ୍ତରରୁ ସେହି ଦେବତାଙ୍କ ପାଖକୁ ଆସିଥାନ୍ତି ମାନସିକ ଓ ଅଧିଆ ପଡ଼ିବାକୁ।

୯. ଲୋକ ମାନଙ୍କର ବିଶ୍ୱାସ ରହିଛି ଯେ ଯାଚକ ବା ମାନସିକ କରି ଯାହା ଯାଚିଥାଏ ଦେବତାଙ୍କ ନିକଟରେ ତାର ମାନସିକ ପୂରଣ ହେଲାପରେ ମଧ ଯଦି ଦେଇନଥାଏ ତାହେଲେ ଦେବତା ତାଙ୍କୁ ସ୍ୱପ୍ନରେ ବିଭିନ୍ନ ଖରାପ୍ ସ୍ୱପ୍ନ ମାଧମରେ ସଂକେତ କରିଦିଅନ୍ତି ଶେଷରେ ଯାଚକ ତାର ଯଚନା ପୂରଣ କରିଥାନ୍ତି। କୌଣସି କାରଣ ବଶତଃ ଯଦି ଯାଚିଥିବା ଲୋକର ଜିନିଷ ଦେଇନପାରି ତାର ମୃତ୍ୟୁ ହେଲା ତାହେଲେ ତା ପରିବାର ଲୋକଙ୍କୁ ଦେବତା କହିଦିଏ ଏବଂ ତା ପରିବାରର ଲୋକମାନେ ତାହା ପୂରଣ କରନ୍ତି।

୧୦. ମୟୂରଭଞ୍ଜରେ ଦେଖାଯାଉଥିବା ଲୋକଦେବଦେବୀଙ୍କୁ ଆଦିବାସୀ ସମାଜରେ ଅନ୍ୟଗ୍ରାମର ଦେବତାଙ୍କୁ 'ପାରଗନା'(ସାନ୍ତାଳୀସମାଜରେ) କହନ୍ତି। ଆଦିବାସୀ ସମାଜରେ କେତେକ ଗ୍ରାମ ଦେବତା ଛଡ଼ା ଅପଦେବତା ଥିବାର ଦେଖାଯାଏ। ଏମାନଙ୍କୁ ପାଟବୋଲି କହନ୍ତି। ସାନ୍ତାଳୀ ମାନଙ୍କର ବିଶ୍ୱାସ ଅନୁସାରେ ଏହି ଅପଦେବତା ମାନେ ସଦାସର୍ବଦା ଭୟ ଦେଖାଇଥାନ୍ତି। ଏମାନଙ୍କୁ ବଳିଦେଇ ସନ୍ତୁଷ୍ଟ କରନ୍ତି। ଫଳତଃ ସେମାନେ ତାଙ୍କର କୌଣସି ଅନିଷ୍ଟ କରନ୍ତି ନାହିଁ। ଏହି ' ପାଟ' ବିଭିନ୍ନ ନାମରେ ନାମିତ ହୋଇ ପୁରପଲ୍ଲୀରେ ବିରାଜମାନ କରନ୍ତି।

୧୧. ମୟୂରଭଞ୍ଜର ଆଦିବାସୀ ଲୋକଦେବଦେବୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ସାଧାରଣତଃ ବଳି ଓ ହାଣ୍ଡିଆ ମଦର ଆବଶ୍ୟକତା ହୋଇଥାଏ। ଏହି ବଳି ସ୍ୱରୂପ ଲୋକ ଦେବଦେବୀମାନେ କୁକୁଡ଼ା, ଛେଳି, ମେଣ୍ଢା,ପୋଢ଼, ମଇଁଷି, ବତକ, ଘୁଷୁରୀ, ପାରା ଆଦିକୁ ଗ୍ରହଣ କରିଥାନ୍ତି। ପୂର୍ବକାଳରେ ସାନ୍ତାଳୀ ସମାଜରେ 'ମଣିଷ'ବଳି ପ୍ରଚଳିତ ଥିଲା। ଏହି ମାନେ ବଳିପାଇଁ ଅନ୍ୟ ସ୍ଥାନରୁ ଲୋକଙ୍କୁ ଅପହରଣ କରି ଆଣୁଥିଲେ ଆଉ ବଳି ଦେଉଥିଲେ। ଅପହରଣକାରୀଙ୍କୁ 'ଅଣ୍ଡଗା'(Ondga) କୁହାଯାଉଥିଲା।

୧୨. ଆଦିବାସୀ ମାନଙ୍କର ଲୋକ ସମାଜରେ ସୂର୍ଯ୍ୟଙ୍କୁ ସବୁଠାରୁ ଶକ୍ତିଶାଳୀ ଦେବତା ଭାବରେ ଗ୍ରହଣ କରୁଥିଲେ। ତାଙ୍କୁ ବିଭିନ୍ନ ସଂପ୍ରଦାୟର ମୁଖ୍ୟ ଦେବତା ଭାବରେ ଗ୍ରହଣ କରୁଥିଲେ। ଯେପରିକି, ସାନ୍ତାଳୀ, ଭୂୟାଁ, ବାଥୁଡ଼ି, ଓରାଙ୍ଗ, ହୋ, ମାଙ୍କଡିଆ ପ୍ରଭୃତି।

୧୩. ଆଦିବାସୀ ସମାଜରେ ତାଙ୍କର ଦେବଦେବୀ ବିଶ୍ୱାସ ସହିତ ଭୂତ, ପ୍ରେତ ଡାହାଣୀ, ଚିରୁଗୁଣୀ, ଦରାମ ଆଦିଙ୍କୁ ବିଶ୍ୱାସ କରନ୍ତି। ଏହି ସବୁ ବିଶ୍ୱାସ ମୟୂରଭଞ୍ଜରେ ବହୁ ପ୍ରାଚୀନ କାଳରୁ ଚାଲି ଆସୁଛି। ଆଦିବାସୀ ମାନେ ବିଶ୍ୱାସ କରନ୍ତି ଯେ ଏହି ମାନଙ୍କୁ ପୂଜା ଅର୍ଚ୍ଚନା ନକଲେ କିମ୍ବା ତାଙ୍କର ଭକ୍ତି ନକଲେ ଏମାନେ ରୁଷ୍ଟ ହୋଇ ବହୁ ଅସୁବିଧା ସୃଷ୍ଟି କରନ୍ତି। ଝାଡ଼ା ବାନ୍ତି ହେବ, ଦେହ ଖରାପ୍ ଅସମୟରେ ହେବ ଏହା ସହିତ ଗ୍ରାମରେ ଅକାଳରେ ମରୁଡ଼ି ତଥା ବନ୍ୟ ଜନ୍ତୁ ଆକ୍ରମଣ କରିବେ ଇତ୍ୟାଦି। ଏଥି ପାଇଁ ଏହି ମାନଙ୍କ ଉପଲକ୍ଷେ ସେମାନେ ଉପାସନା କରନ୍ତି ଛେଳି କୁକୁଡ଼ା, ଘୁଷୁରୀ, ଆଦି ବଳି ସହ ହାଣ୍ଡିଆ ଢ଼ାଳି ତାଙ୍କୁ ସନ୍ତୁଷ୍ଟ କରନ୍ତି।

୧୪.ସାନ୍ତାଳୀ ସମ୍ପ୍ରଦାୟର ଆଦିବାସୀମାନେ ଗ୍ରାମ ଓ ପାହାଡ଼ୀଦେବଦେବୀ ବ୍ୟତୀତ ସେମାନଙ୍କର ଫସଲର ଅଭିବୃଦ୍ଧି ନିମିତ୍ତ କୁକୁଡ଼ା ଓ ଛେଳିମାନଙ୍କୁ ବଳି ଦେଇ ବାସୁଲୀ ବା ବସୁମାତାର ପୂଜାର୍ଚ୍ଚନା କରନ୍ତି। ବର୍ଷର ସବୁ ସମୟରେ ବସୁମାତାଙ୍କର ପୂଜା ହୁଏ ନାହିଁ। ଫସଲହାନୀର ସମ୍ଭାବନା ଦେଖିଲେ ସାନ୍ତାଳୀମାନେ ତାଙ୍କଠାରେ ପୂଜା ଓ ବଳିଦାନ ସ୍ୱରୂପ ଆବାହାନୀ ଗୀତଗାନ କରିଥାନ୍ତି।

୧୪. ଆଦିବାସୀ ମାନଙ୍କର ଲୋକସମାଜରେ ଅନାବୃଷ୍ଟି ଦୂରୀକରଣ ପାଇଁ ଲୋକଦେବତାଙ୍କୁ ଆହ୍ୱାନ କରାଯାଏ ଦେଶରେ ଯେତେବେଳେ ଅନାବୃଷ୍ଟିର କରାଳଛାୟା ଦେଖାଯାଏ ଫସଲହାନୀର ନୈରାଶ୍ୟ ମନରେ ନୈରାଶ୍ୟ ସୃଷ୍ଟି କରେ, ସେତେବେଳେ ବିଭିନ୍ନ ଦେବଦେବୀଙ୍କୁ ପୂଜାଅର୍ଚ୍ଚନା କରନ୍ତି। ବିଭିନ୍ନ ଯାଦୁବିଦ୍ୟାର ପ୍ରଦର୍ଶନ କରି ମେଘକୁ ଆହ୍ୱାନ କରି ବର୍ଷା କରାନ୍ତି। ଏଥି ପାଇଁ ସୀମାବଙ୍ଗା ତାଙ୍କୁ ସାହାଯ୍ୟ କରିଥାନ୍ତି।

## ଉପସଂହାରଃ

ପ୍ରାକୃତିକ ସୁଷମା ବିମଣ୍ଡିତ ଐତିହ୍ୟପୂର୍ଣ୍ଣ ଓଡ଼ିଶା ଭୂଖଣ୍ଡରେ ମୟୂରଭଞ୍ଜ ଜିଲ୍ଲାଟି ଏକ ସମୃଦ୍ଧ ପାରମ୍ପରିକ ସମ୍ପନ୍ନ ରୁଚିଶୀଳ ଜୀବନ ଜିଜ୍ଞାସାର ମହନୀୟ କ୍ଷେତ୍ରଟିଏ। ଶିମିଳିପାଳର ପର୍ବତ ମାଳଠାରୁ ଆରମ୍ଭ କରି ଏହାର ନଦୀ, ପାର୍ବତ୍ୟ ଉପତ୍ୟକା, ନିଜସ୍ୱ କଳା, ଭାସ୍କର୍ଯ୍ୟ, ସଂସ୍କୃତି ଓ ପରିବେଶ ଯେପରି ସ୍ୱାଭାବିକ

International Journal of Humanities Social Science and Management (IJHSSM)
Volume 6, Issue 1, Jan.-Feb., 2026, pp: 546-558 ISSN: 3048-6874
www.ijhssm.org

ଓ ବର୍ତ୍ତୁଳ, ସେହି ପରି କମନୀୟ ଓ ବୈଚିତ୍ର୍ୟରେ ଭାସ୍କର। ସେହିପରି ମୟୁରଭଞ୍ଜରେ ପରିଦୃଷ୍ଟ ହେଉଥିବା ଦେବ ଦେବୀଙ୍କ କଳା, ସଂସ୍କୃତି ଓ ଭାସ୍କର୍ଯ୍ୟ ବିଶ୍ୱପ୍ରସିଦ୍ଧ।

ଏହି" ମୟୂରଭଞ୍ଜର ଲୋକ ଦେବଦେବୀ: ଏକ ଅନୁଶୀଳନ" ଶୀର୍ଷକ ନିବନ୍ଧରେ ଏତିକି କୁହାଯାଇ ପରେ କି ଯେ ଏହି ଦେବଦେବୀଙ୍କ ସମ୍ପର୍କିତ ପର୍ବରୁ କେହି ଗବେଷକ ଗବେଷଣା କରିଛନ୍ତି ମାତ୍ର ସ୍ୱତନ୍ତ୍ର ମୟୂରଭଞ୍ଜର ଲୋକ ଦେବ ଦେବୀଙ୍କ ସଂପର୍କରେ ଉତ୍ତୃକୃଷ୍ଟ ତଥା ମୌଳିକ ଗବେଷଣା ହୋଇଥିବା ପରି ମାନେ ହୁଏ ନାହିଁ । ଆଲୋଚ୍ୟ ନିବନ୍ଧରେ ଲୋକ ଦେବଦେବୀଙ୍କ ସ୍ୱରୂପ ଦର୍ଶାଇବା ସହିତ ମୟୂରଭଞ୍ଜର ବିଭିନ୍ନ ଅଞ୍ଚଳର ଲୋକ ଦେବଦେବୀଙ୍କ ସମ୍ବନ୍ଧରେ ଆଲୋଚନା କରାଯାଇ ଅଛି। ଏହାସହ ତାଙ୍କ ମହିମା ଓ ବିଶେଷତ୍ୱ ସଂମ୍ପର୍କରେ ଉଲ୍ଲେଖ କରାଯାଇ ଅଛି । ପରି ଶେଷରେ ଏତିକି କୁହାଯାଇପାରେ କି ଯେ ମୟୂରଭଞ୍ଜର ଲୋକ ଦେବଦେବୀଗଣମୟୂରଭଞ୍ଜ ଅଧିବାସୀଙ୍କର ସୁଖ ଦୁଃଖର ସାଥୀ । ତାଙ୍କ ବିନା ଯେପରି ଦିନ ଆରମ୍ଭ ହୁଏ ନାହିଁ । ପ୍ରତ୍ୟେକ କ୍ଷେତ୍ରରେ ତାଙ୍କୁ ଲୋଡ଼ିଥାନ୍ତି । ତାଙ୍କ ଜୀବନକୁ ତାଙ୍କ ସହ ଓତପ୍ରୋତ ଭାବରେ ଜଡ଼ିତ କରି ରଖିଛନ୍ତି।

-o-

**ସହାୟକ ଗ୍ରନ୍ଥସୂଚୀ:-**

୧. ଦାଶ, କୁଞ୍ଜବିହାରୀ- ଓଡ଼ିଆ ଲୋକଗୀତଓ କାହାଣୀ। ପ୍ରଥମ ସଂସ୍କରଣ- ୧୯୫୮, ବିଶ୍ୱଭାରତୀ ଶାନ୍ତିନିକେତନ

୨. ଦାଶ, ଡଃ ଇନ୍ଦିରା - ଓଷାବ୍ରତ ଓଡ଼ିଆ ସଂସ୍କୃତିର ଲୋକଉପାସନା। ୨ୟ ସଂସ୍କରଣ-୨୦୧୫, ପ୍ରାଚୀ ପ୍ରତିଷ୍ଠାନ, କଟକ

୩.ପ୍ରଧାନ, ମାନ ଭଞ୍ଜନ - ଗ୍ରାମ ଦେବତା ସମ୍ପର୍କିତ ଲୋକକଥା ଓ ଲୋକ ସଙ୍ଗୀତ (ପିଏଚଡ଼ି - ସନ୍ଦର୍ଭ)

୪. ମିଶ୍ର, ମହେନ୍ଦ୍ର କୁମାର - ଗ୍ରାମଦେବୀ ମା' ତାରାତାରିଣୀ ବେଳାଭୂମି। ୨ୟ ବର୍ଷ - ଜାନୁୟାରୀ- ୨୦୦୫, ରମ୍ଭା ଚିଲିକା ବେଳାଭୂମି ମହୋତ୍ସବ

**ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ଟକଟପୁର,ବାରିପଦା-୭୫୭୦୦୩, ମୋବାଇଲ ନୋ - ୭୩୭୨୨୪୯୭୦୫**